


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ଶୁକ୍ରବାର ୧୩ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 13 AUGUST 2021
Vol.No. 32 ■ No. 206 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦୁଇ ଦିନ ଆଗରୁ ବନ୍ଦ ହେଲା ମୌସୁମୀ ଅଧିବେଶନ

## ବିକ୍ଷୋଭ ଶୋଭାଯାତ୍ରା କଲେ ବିରୋଧୀ



ନୂଆଦିଲ୍ଲୀ,୧୨/୦୮: ବିରୋଧୀ ଦଳଗୁଡ଼ିକ ସଂସଦର ଉଭୟ ସଦନକୁ ଚଳାଇ ଦେଉ ନଥିବାରୁ ବୁଧବାର ଏକ ଅପ୍ରତ୍ୟାଶିତ ଢଙ୍ଗରେ ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଜୁଲାଇ ୧୯ରେ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ ଯାଏ ଚାଲିଥିବାର ଥିଲା । ହେଲେ ୨ ଦିନ ଆଗରୁ ସରକାରଙ୍କ ନିର୍ଦ୍ଦେଶରେ ଏହାକୁ ବନ୍ଦ କରି ଦିଆଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ଏଥିପାଇଁ ଆଜି ରାହୁଲ ଗାନ୍ଧିଙ୍କ ସମେତ ବିରୋଧୀ ଦଳର ନେତାମାନେ ସଂସଦ ଠାରୁ ବିଜୟ ଚୌକ ଯାଏ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି । ଏହି ସମୟରେ ସେମାନେ ଗୃହକୁ ଅପ୍ରତ୍ୟାଶିତ ଭାବେ ଆଗୁଆ ବନ୍ଦ କରିବା ଘଟଣାକୁ କଡ଼ା ସମାଲୋଚନା କରିବ ସହ ୩ଟି ଯାକ କୃଷି ଆଇନକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି । ରାହୁଲ ଗାନ୍ଧି ବିକ୍ଷୋଭରେ ସାମିଲ ହୋଇ ସଂସଦରେ ବିରୋଧୀଙ୍କୁ କହିବାକୁ ସୁଯୋଗ ମିଳୁ ନଥିବା କହିଛନ୍ତି । ସେ କହିଛନ୍ତି, "ଆଜି ଆମେ ସମସ୍ତେ ମିଳିତ ଭାବେ ଆପଣମାନଙ୍କ(ମିଡିଆ) ସହ କଥା ହେବାକୁ ଆସିଛୁ । କାରଣ ବିରୋଧୀଙ୍କୁ ସଂସଦରେ କହିବାର ସୁଯୋଗ ମିଳୁନି । ଏହା ଗଣତନ୍ତ୍ରର ହତ୍ୟା । ସଂସଦର ଅଧିବେଶନ ଶେଷ ହୋଇଛି । ଦେଶର ୬୦% ଲୋକ ଜାଣିଛନ୍ତି ଯେ ସଂସଦର ଅଧିବେଶନ ହୋଇନାହିଁ । ଦେଶର ୬୦% ଲୋକଙ୍କ ସ୍ୱରକୁ ଦଳି ଦିଆଯାଇଛି । ଏପରି କି ଗତକାଲି ରାଜ୍ୟସଭାରେ ଶାରିରୀକ ଆଘାତ ମଧ୍ୟ ଦିଆଯାଇଛି ।" ଶିବସେନା ସାଂସଦ ସଞ୍ଜୟ ରାଉତ ମଧ୍ୟ ବିରୋଧୀଙ୍କୁ ସଂସଦରେ ସେମାନଙ୍କ ମତାମତ ଉପସ୍ଥାପନ କରିବାର ସୁଯୋଗ ମିଳିନାହିଁ ଓ ରାଜ୍ୟସଭାରେ ମହିଳା ସାଂସଦଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି, "ବିରୋଧୀଙ୍କୁ ସଂସଦରେ ସେମାନଙ୍କ ମତାମତ ରଖିବାକୁ ସୁଯୋଗ ମିଳିଲା ନାହିଁ । ଗତକାଲି ମହିଳା ସାଂସଦମାନଙ୍କ ସହ ଯାହା ଘଟିଲା, ତାହା ଗଣତନ୍ତ୍ର ବିରୋଧୀ । ଆମକୁ ଲାଗୁଛି ଯେ ଆମେ ପାକିସ୍ତାନ ସୀମାରେ ଛିଡ଼ା ହୋଇଛୁ ।" ଅନ୍ୟପକ୍ଷରେ ବିରୋଧୀଙ୍କ ଏଭଳି ବିକ୍ଷୋଭକୁ ବିଜେପି ସମାଲୋଚନା କରିଛି । ବିଜେପି ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳର ନେତାମାନେ ଯେଉଁଭଳି ଭାବେ ରାସ୍ତାରେ ବିକ୍ଷୋଭ କରୁଛନ୍ତି, ତାହା ଦୁର୍ଭାଗ୍ୟଜନକ । ଗଣତନ୍ତ୍ରର ମୁଣ୍ଡ ଆଜି ଲଜ୍ଜାରେ ନଇଁ ଯାଉଛି । ବିରୋଧୀଙ୍କ ଆଚରଣ ଦେଖି କେବଳ ଉପ ରାଷ୍ଟ୍ରପତି ଭେଙ୍କୟା ନାଇଡୁ କାନ୍ଦି ନାହାନ୍ତି, ବରଂ ପୂରା ଗଣତନ୍ତ୍ର କାନ୍ଦୁଛି । ବିରୋଧୀଙ୍କ ପାଇଁ ପୂରା ସଂସଦର ଅଧିବେଶନ ଧୋଇଗଲା ବୋଲି ସେ କହିଛନ୍ତି ।

# ହିମାଚଳ ପ୍ରଦେଶ ଭୂ-ସ୍ଖଳନରେ ଉଦ୍ଧାର କାମ ଜାରି

## ବଢ଼ିଚାଲିଛି ମୃତ୍ୟୁସଂଖ୍ୟା : ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ



ହିମାଚଳ ପ୍ରଦେଶ,୧୨/୦୮: ହିମାଚଳ ପ୍ରଦେଶର କିନ୍ନୌର ଜିଲ୍ଲାରେ ବୁଧବାର ହୋଇଥିବା ଭୂସ୍ଖଳନରେ ଜାରି ରହିଛି ଉଦ୍ଧାର କାମ । ଘଟଣାରେ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । ଆଇଟିବିପି, ଏନଡିଆରଏଫ, ଏବଂ ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି ରହିଛି ଉଦ୍ଧାର କାର୍ଯ୍ୟ । ଭୂସ୍ଖଳନ ପାଇଁ ପାହାଡରୁ ମାଟି ଅତଡା ଏବଂ ବଡ ବଡ ପଥର ଖଣ୍ଡ ଖସି ଜାତୀୟ ରାଜପଥ ୫ ଦେଇ ଯାଉଥିବା ଏକ ଯାତ୍ରୀ ବାହୀ ବସ୍ ସମେତ ଅନେକ ଗାଡିକୁ ଦାବି ହୋଇଯାଇଥିଲ । ଏଥିରେ ୫୦ରୁ ଅଧିକ ଲୋକ ମାଟି ତଳେ ଦବି ହୋଇଯାଇଥିବା ଜଣାପଡିଥିଲା । ଫଳରେ ପଥର ଏବଂ ମାଟି ହଟଡା ଖସାଇ ଲୋକଙ୍କୁ ଉଦ୍ଧାର କରିବାର ପ୍ରୟାସ ଜାରି ରହିଛି । ସେପଟେ ଘଟଣାରେ ଉଦ୍ଧାର ହୋଇଥିବା ଆହତକୁ କିନ୍ନୌର ଜିଲ୍ଲାର ଭାବା ନଗର କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଯେଉଁଠି ସେମାନଙ୍କୁ ଭେଟି ତାଙ୍କ ଅବସ୍ଥା ପଚାରି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର । କେବଳ ସେତିକି ନୁହେଁ ଆକାଶମାର୍ଗରୁ ସ୍ଥିତି ପରଖିବା ସହ ଘଟଣା ସ୍ଥଳ ମଧ୍ୟ ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର । ବୁଧବାର ଏକ ଯାତ୍ରୀବାହୀ ବସ୍ କିନ୍ନୌରରୁ ହରିଦ୍ୱାର ଯାଉଥିଲା ଏବଂ ନିଗୁଲସାରି ଠାରେ ଜାତୀୟ ରାଜପଥ ୫ରେ ପ୍ରାକୃତିବ ଦୁର୍ବିପାକର ଶିକାର ହୋଇଥିଲା । ପାହାଡରୁ ବଡ ବଡ ପଥର ଖସି ବସକୁ ଚାପି ଦେଇଥିଲା । ବସ୍ ଆଗ ଓ ପଛରେ ଯାଉଥିବା ଅନେକ କାର ମଧ୍ୟ ଭୂସ୍ଖଳନ ଶିକାର ହୋଇଥିଲା । ଭୂସ୍ଖଳନ ଫଳରେ ଜାତୀୟ ରାଜପଥ ୫ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି ।

# ରାଜକନିକାରେ ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ

## ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବାକୁ ଜନତାଙ୍କ ବିରୋଧ



କେନ୍ଦ୍ରପେଡ଼ା,୧୨/୦୮(ନି.ପ୍ର): ରାଜକନିକାରେ ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ । ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ପାଇଁ ହେଉଥିବା ମେଗା ଜଳ ପ୍ରକଳ୍ପକୁ ଜୋରଦାର ବିରୋଧ । ପ୍ରଶାସନ ପକ୍ଷରୁ ଧାରା ୧୪୪ ଲାଗିଥିଲେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସ୍ଥାନୀୟ ଲୋକେ । ମେଗା ଜଳ ପ୍ରକଳ୍ପର କାମକୁ ବିରୋଧ କରି କଟକ-ଚାନ୍ଦବାଲି ରାସ୍ତାକୁ ବନ୍ଦ କରିଛନ୍ତି ଆନ୍ଦୋଳନକାରୀ । କାମ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି ଖରସ୍ରୋତା ସଂଗ୍ରାମ ସମିତି । ଗୋଟିଏ ପଟେ ପ୍ରକଳ୍ପ କାମ ଚାଲିଥିବା ବେଳେ ଅନ୍ୟପଟେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା । ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ପୂରା ଅଞ୍ଚଳକୁ ପୋଲିସ ଛାଉଣୀରେ ପରିଣତ କରାଯାଇଥିଲା । କିନ୍ତୁ ଆଜି ପୁଣିଥରେ କାମ ଆରମ୍ଭ ହେବାରୁ ରାସ୍ତାକୁ ଅବରୋଧ କରିବା ସହ ପ୍ରତିବାଦ କରାଯାଇଥିଲା । ଆଉ ପୋଲିସ ଅଟକାଇବାରୁ ମୁହାଁମୁହିଁ ହୋଇଥିଲେ ପୋଲିସ ଓ ଜନତା । ପୋଲିସର ବ୍ୟାରିକେଡକୁ ଭାଙ୍ଗିବା ସହ ଧସ୍ତାଧସ୍ତି ହୋଇଥିଲା । ଆନ୍ଦୋଳନରେ ଶହ ଶହ ମହିଳା, ଯୁବକ ମାନେ ସାମିଲ ହୋଇଛନ୍ତି । ରକ୍ତ ଦେବୁ ପଛେ ପାଣି ଦେବୁନି ନାରା ଦେଇ ପ୍ରକଳ୍ପ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ଏପରିକି ଏହି ପ୍ରକଳ୍ପ ହେଲେ ଲୁଣା ପାଣି ମାଡି ଆସିବ ବୋଲି ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି । ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ଓ ବଡ ବଡ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି ।

## ଆଫଗାନିସ୍ତାନରେ ତାଲିବାନର ତାଣ୍ଡବ ଯୋଗୁଁ ଲୋକେ ହାହାକାର

ଆଫଗାନିସ୍ତାନ,୧୨/୦୮ (ନି.ପ୍ର.): ଆଫଗାନିସ୍ତାନରେ ତାଲିବାନର ବର୍ବରତା ଜାରି ରହିଛି । ଅନେକ ଗାଁ ଓ ସହର ଦଖଲ କରିବା ପରେ ରାଜଧାନୀ କାବୁଲ ଆଡକୁ ମୁହାଁଉଛି ତାଲିବାନ । ଦିନକୁ ଦିନ ଏହି ବିଦ୍ରୋହୀଙ୍କ ପ୍ରଭାବ ବଢିବାରେ ଲାଗିଛି । ଏବେ କାନ୍ଦାହାର ଜେଲକୁ ଭାଙ୍ଗି ଅନେକ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରିଛନ୍ତି ତାଲିବାନ ବିଦ୍ରୋହୀ । ଏନେଇ ଏକ ଭିଡିଓ ଜାରି କରି ତାଲିବାନ ସ୍ଥାନୀୟ ସରକାରଙ୍କୁ କଡା ଚ୍ୟାଲେଞ୍ଜ ଦେଇଛି । କାନ୍ଧାହାର ଜେଲରେ ଅନେକ ତାଲିବନ କଏଦୀ ବି ବନ୍ଦୀ ଥିଲେ । ଗତ ମାସରେ ବି ତାଲିବାନ ଏହି ଜେଲ ଉପରେ ଆକ୍ରମଣ କରିଥିଲା । କିନ୍ତୁ ଏହା ସଫଳ ହୋଇନଥିଲା । ଏବେ ପୁଣି ତାଲିବାନ ଆକ୍ରମଣ କରି ନିଜ ମିଶନରେ ସଫଳ ହୋଇଛି । କାନ୍ଧାହାରରେ ବାରମ୍ବାର ତାଲିବାନ ହିଂସା କରୁଥିଲା । ଏହାପରେ ଆଫଗାନିସ୍ତାନରେ ଥିବା ଦୂତାବାସରୁ ୫୦ ଜଣ କୂଟନୈତିକଙ୍କୁ ସ୍ୱଦେଶ ଫେରିବାକୁ ନିର୍ଦ୍ଦେଶ ଦେଇଥିଲା ନୂଆଦିଲ୍ଲୀ । ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଥିଲା । ଏବେ କିଛି ରାଜନୈତିକ ବନ୍ଧୀଙ୍କୁ ମୁକ୍ତ କରିବା ପରେ କାନ୍ଧାହାରରେ ସ୍ଥିତି ଆହୁରି ବିଗିଡିବା ଆଶଙ୍କା ରହିଛି ।

# ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ



ଭୁବନେଶ୍ୱର,୧୨/୦୮ (ନି.ପ୍ର): ଆଜି ଠାରୁ ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି । ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁସାରେ ଦିନ ୧୧ଟାରୁ ସାମସ ପୋର୍ଟାଲ ଖୋଲିଛି । ଆବେଦନ କରିବା ପାଇଁ ସାମ୍ସ ବେବସାଇଟକୁ ଭିଜିଟ୍ କରିବାକୁ ପଡ଼ିବ । ଏଥିରେ ଫର୍ମ ଉପଲବ୍ଧ ରହିଥିବା ବେଳେ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନାମଲେଖା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ । ସେପ୍ଟେମ୍ବର ୧୩ ତାରିଖ ଦିନ ୧୧ଟା ୩୦ରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ । ସେହିପରି ସେପ୍ଟେମ୍ବର ୧୪ରୁ ସେପ୍ଟେମ୍ବର ୨୧ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ▶▶ପୃଷ୍ଠା ୭

## କରୋନା କାଳରେ ସମ୍ମାନ ପାଇଁ ଆୟୁଷ ଡାକ୍ତରଙ୍କ ଲଢେଇ

ଭୁବନେଶ୍ୱର,୧୨/୦୮(ନି.ପ୍ର): କରୋନା କାଳରେ ସମ୍ମାନ ପାଇଁ ଆୟୁଷ ଡାକ୍ତରଙ୍କ ଲଢେଇ । ମର୍ଯ୍ୟାଦା ଓ ଉଚିତ ପାରିଶ୍ରମିକ ପାଇଁ ସରକାରଙ୍କ ପାଖରେ ଗୁହାରୀ କରିଛନ୍ତି ଓଡ଼ିଶା ସରକାରୀ ଆର୍ୟୁବେଦ ଓ ହୋମିଓପାଥୀ ଚିକିତ୍ସକ ସଂଘ । ଦରମା ବୃଦ୍ଧି ▶▶ପୃଷ୍ଠା ୭

# ତୃତୀୟ ଲହର ପାଇଁ ରାଜ୍ୟ ପ୍ରସ୍ତୁତ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭୁବନେଶ୍ୱର,୧୨/୦୮ (ନି.ପ୍ର): କାଭିଡର ସମ୍ଭାବିତ ତୃତୀୟ ଲହର ନେଇ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି । ସେ କହିଛନ୍ତି ଯେ - ସରକାରଙ୍କ ଗାଇଡଲାଇନ ଅନୁସାରେ ପେଡିଆଟ୍ରିକ ବେଡ୍ ସଂଖ୍ୟା ବଢ଼ିବା ନେଇ ପ୍ରସ୍ତୁତି ଚାଲିଛି । ଏହାଛଡ଼ା ଆବଶ୍ୟକୀୟ ଉପକରଣ, ଅକ୍ସିଜେନ ଲାଗି ଭିତିଭୂମି ପ୍ରସ୍ତୁତ ରହିଛି । ଅକ୍ସିଜେନ ପ୍ଲାଂଟର ବ୍ୟବସ୍ଥା ମଧ୍ୟ କରାଯିବା ସହ ସେ ଅ ଜେନେରାଲ ବେଡ ଯେତିକି ବଢ଼ିବା କଥା ତାହା ମଧ୍ୟ ବଢ଼ିଛି । ସେ କହିଛନ୍ତି ଯେ କୋଭିଡ ନିୟମ ମାନିଲେ କରୋନାକୁ ନିୟନ୍ତ୍ରଣ କରାଯାଇପାରିବା ତା'ଛଡ଼ା ତୃତୀୟ ଲହର ଆସୁ ବା ନ ଆସୁ ଏଥିଲାଗି ସମସ୍ତଙ୍କୁ ପ୍ରସ୍ତୁତ ରହିବା ଉଚିତ । ସେ କହିଛନ୍ତି ଯେ ୩୦୦୦ ବେଡ୍ ବିଭିନ୍ନ ହସ୍ପିଟାଲ, ଘରୋଇ କୋଭିଡ ▶▶ପୃଷ୍ଠା ୭

# ତଦନ୍ତରେ ଉର୍କଷତା ପାଇଁ ଓଡିଶାରୁ ୪ ପୋଲିସ ପାଇବେ ମେଡାଲ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ତଦନ୍ତରେ ଉର୍କଷତା ପାଇଁ ଦେଶର ୧୫୨ ଜଣ ପୋଲିସ କର୍ମଚାରୀଙ୍କୁ ମିଳିବ ପଦକ । ଏହା ମଧ୍ୟରେ ଓଡିଶାରୁ ୪ ଜଣ ପୋଲିସ୍ ଅଧିକାରୀ ରହିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରୀ ହୋଇଛି । ଏହି ପୁରସ୍କାର ଗ୍ରହଣ କରୁଥିବା କର୍ମଚାରୀଙ୍କ ମଧ୍ୟରେ ଓଡ଼ିଶାରୁ ୪ଜଣ ରହିଥିବା ବେଳେ ସେମାନେ ହେଲେ ଇନ୍ସପେକ୍ଟର ଦେବେନ୍ଦ୍ର କୁମାର ମଲ୍ଲିକ, ଇନ୍ସପେକ୍ଟର ଦେବେନ୍ଦ୍ର କୁମାର ବିଶ୍ୱାଳ, ସବ- ଇନ୍ସପେକ୍ଟର ତୃପ୍ତି ରଞ୍ଜନ ନାୟକ ଏବଂ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ । ଏହି ୪ଜଣଙ୍କ ବ୍ୟତୀତ ୧୫ଜଣ ସିବିଆଇରୁ, ୧୧ଜଣ ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ପୋଲିସରୁ, ୧୦ଜଣ ଉତରପ୍ରଦେଶରୁ, ୯ ଜଣ କେରଳ ଏବଂ ରାଜସ୍ଥାନରୁ, ୮ ଜଣ ତାମିଲନାଡୁରୁ, ୭ଜଣ ବିହାରରୁ ଓ ଗୁଜୁରାଟ, କର୍ଣ୍ଣାଟକ ଏବଂ ଦିଲ୍ଲୀ ପୋଲିସରୁ ୬ଜଣ ଲେଖାଏଁ କର୍ମଚାରୀ ରହିଛନ୍ତି । ଏଥିମଧ୍ୟରେ ୨୮ ମହିଳା ପୋଲିସ ଅଧିକାରୀ ରହିଥିବା ଜଣାପଡ଼ିଛି । ଅପରାଧର ଅନୁସନ୍ଧାନରେ ଉଚ୍ଚ ବୃତିଗତମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଅନୁସନ୍ଧାନକାରୀଙ୍କ ଦ୍ୱାରା ତଦନ୍ତରେ ଏହିପରି ଉତ୍କର୍ଷତାକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଏହି ପଦକ ୨୦୧୮ରେ ଦିଆଯିବା ଆରମ୍ଭ କରାଯାଇଥିଲା ।

# ୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୨/୦୮ (ନି.ପ୍ର): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି , ଘଡଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନବରଙ୍ଗପୁର ଓ କୋରାପୁଟ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ନେଇ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, ଗଜପତି, କଟକ, ଖୋର୍ଦ୍ଧା ଓ ରାୟଗଡ଼ା ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୩ରୁ ୧୪ ତାରିଖ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, କନ୍ଧମାଳ , ଗଜପତି, ଗଂଜାମ, ମାଲକାନଗିରି କୋରାପୁଟ , କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏତଦ ବ୍ୟତୀତ ୧୪ରୁ ୧୮ ତାରିଖ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି । ବିଶେଷ କରି ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

# ଇସ୍ରୋର ମିଶନ ଫେଲ୍ : ଶେଷ ମୁହୂର୍ତ୍ତରେ ଖରାପ ହେଲା କ୍ରାୟୋଜେନିକ ଇଞ୍ଜିନ୍



ନୂଆଦିଲ୍ଲୀ,୧୨/୦୮: ଶେଷ ସମୟରେ ଇସ୍ରୋର ମିଶନକୁ ଝଟକା । ମିଶନ ସମୟର ୧୦ ସେକେଣ୍ଡ ପୂର୍ବରୁ ହେଲା ଖରାପ । ସକାଳ ୫ଟା ୪୫ରେ ଅର୍ଥ ଅବଜରବେଶନ ସାଟେଲାଇଟ୍ ଇଓଏସ୍-୩କୁ ଜିଏସ୍ଏଲଭି-ଏଫ୍ ୧୦ ରକେଟରେ ଉତକ୍ଷେପଣ କରାଯାଇଥିଲା । ହେଲେ ମିଶନ ସମୟର ୧୦ ସେକେଣ୍ଡ ପୂର୍ବରୁ ଖରାପ ହୋଇଯାଇଥିଲା । ମିଶନ କଂଟ୍ରୋଲ ସେଂଟରକୁ ରକେଟର ତୃତୀୟ ଷ୍ଟେଜରେ ଲାଗିଥିବା କ୍ରାୟୋଜେନିକ୍ ଇଂଜନ ସହ ୧୮.୨୯ ମିନିଟରେ ସିଗନାଲ ମିଳିବା ବନ୍ଦ ହୋଇଯାଇଥିଲା । କ୍ରାୟୋଜେନିକ୍ ଇଂଜନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମିଶନ ଫେଲ ହୋଇଥିବା ଜଣାପଡ଼ିଛି । ଇଓଏସ୍-୩କୁ ଜିୟୋସିଂକ୍ରୋସନ୍ ସାଟେଲାଇଟ୍ ଲଂଚ ଭେହିକିଲ୍ ଏଫ୍-୧୦ ଦ୍ୱାରା ଲଂଚ କରାଯାଇଥିଲା । ଏହି ରକେଟର ଉଚ୍ଚତା ୫୨ ମିଟର ଏବଂ ଓଜନ ୪୧୪.୭୫ ଟନ୍ । ଏହା ୨ ହଜାର ୫୦୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ସାଟେଲାଇଟକୁ ଜିୟୋଟ୍ରାନ୍ସଫର ଅର୍ବିଟ୍ ପହଂଚାଇବାର କ୍ଷମତା ରଖିଛି । ଇଓଏସ୍-୩ ସାଟେଲାଇଟର ଓଜନ ୨୨୬୮ କିଲୋଗ୍ରାମ୍ । ଇଓଏସ୍-୩ ସାଟେଲାଇଟ୍ ବର୍ତ୍ତମାନ ସୁଦ୍ଧା ଭାରତର ସବୁଠୁ ଓଜନିଆ ଅର୍ଥ ଅବଜରବେଶନ ସାଟେଲାଇଟ୍ । ସେନାକୁ ସହାୟତା କରିବା ସହ କୃଷି ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେବା ପାଇଁ ତିଆରୀ କରାଯାଇଥିଲା ଏହି ଉପଗ୍ରହ ।

# କନ୍ଧମାଳ ଜିଲ୍ଲା ଡ୍ରାଇଭର ମହାସଂଘର ନୂତନ ଗୃହ ଉଦଘାଟନ

କନ୍ଧମାଳ,୧୨/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୌଡ଼ ପଡ଼ା ଠାରେ ଓଡିଶା ଡ୍ରାଇଭର ମହାସଂଘ ଦ୍ୱାରା ନୂତନ ଗୃହ ଡ୍ରାଇଭର ସଂଘର ସଭାପତି ମିଳନ ନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ସାରା ଓଡ଼ିଶାରେ ୪ଲକ୍ଷ ୫୦ହଜାର ଡାଇଭର ମାନଙ୍କୁ ନେଇ ଓଡ଼ିଶା ମହାସଂଘ ଗଠିତ ହୋଇଛି । ସେଥି ମଧ୍ୟରୁ କନ୍ଧମାଳ ଜିଲ୍ଲାରେ ୧୫୦୦ ମେମ୍ବରକୁ ନେଇ କନ୍ଧମାଳ ଡ୍ରାଇଭର ମହାସଂଘ ଗଠିତ ହୋଇଛି । ନୂତନ ଗୃହଟି ରାଜ୍ୟରେ କୋଭିଡ କଟାକଣା ଯୋଗୁଁ ସମସ୍ତ ଲଜ୍ଜିଙ୍ଗ, ବଙ୍ଗଳା, ମଠ ଗୃହ ବନ୍ଦ ରହିଥିବାରୁ ବାହାର ଜିଲ୍ଲାର ଡ୍ରାଇଭର ମାନେ ଆସିଲେ ଏଠାରେ ସେମାନଙ୍କ ପାଇଁ ରାତ୍ରୀ ଯାପନରେ ସହାୟତା କରିବା ସହିତ ସେମାନଙ୍କର ଖାଇବା ପିଇବା ଆଦିର ବ୍ୟବସ୍ଥା ମଧ୍ୟ କରାଯିବା ଉଦେଶ୍ୟରେ ସେମାନଙ୍କର ସହାୟତା କରିବ । ତାକୁ ଦୃଷ୍ଟିରେ ରଖି ଏହି ସଂଘ ନୂତନ ଭାବେ ଗୃହ ଉଦଘାଟନ କରିଛନ୍ତି । ଯେକୌଣସି ଡ୍ରାଇଭର ଏଠାକୁ ଆସିଲେ ନିଜର ଗାଡି ସୁରକ୍ଷିତ ଭାବରେ ରଖି ନିଜେ ମଧ୍ୟ ସୁରକ୍ଷିତ ରହିପାରିବେ । କନ୍ଧମାଳ ଜିଲ୍ଲାର ସମସ୍ତ ଡ୍ରାଇଭର ମାନଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି । ବାହାରୁ ଆସୁଥିବା ଡ୍ରାଇଭରର କିଛି ଅସୁବିଧା ହେଲେ ସଂଘ ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସଭାପତି କହିଛନ୍ତି ।

ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ମାନସ ସାମଲ, କୋଷାଧ୍ୟକ୍ଷ ପପୁ ପ୍ରଧାନଙ୍କ ସମେତ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ବ୍ଲକର ଡ୍ରାଇଭର ମାନେ ଉପସ୍ଥିତ ଥିଲେ ।

# ଫିରିଙ୍ଗିଆ ବ୍ଲକ ଅଂଚଳରେ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

କନ୍ଧମାଳ,୧୨/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସ୍ୱେଚ୍ଛାସେବୀ ସଂଗଠନ ବପଦର ବନ୍ଧୁ ଓ ପ୍ରେସ କ୍ଲବ ର ମିଳିତ ସହେଯୋଗରେ ଏକ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଦିର୍ଘଦିନ ଧରି ଅଳିଆ ଆବର୍ଜନା ପଡିରହିଥିବା ଫିରିଙ୍ଗିଆ ନୁଆଁ ବସଷ୍ଟାଣ୍ଡ ପରିସରକୁ ସଫା କରାଯାଇଛି । ଏହି ଅବସରରେ ଫିରିଙ୍ଗଆ ସହରରେ ଦିର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ବୁଲୁଥିବା ବାହାର ରାଜ୍ୟର ଜଣେ ମାନସିକ ବିକଳାଙ୍ଗ ଯୁବକକୁ ସଫାସୁତୁରା କରାଯିବା ସହିତ ତାକୁ ନୂତନ ବସ୍ତ୍ର ପରିଧାନ କରିବା ପାଇଁ ଦିଆ ଯାଇଥିଲା । ତେବେ ବିପଦର ବନ୍ଧୁ ଟିମ ର ଆବାହକ ତଥା ଫିରିଙ୍ଗିଆ ପଂଚାୟତ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ନବଘନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ପ୍ରେସକ୍ଲବ ସଭାପତି ସୁବ୍ରତ କୁମାର ମହାନ୍ତି, ସମ୍ପାଦକ ଉତମ ଖମାରୀ ସମ୍ବାଦିକ ଶୁଭ୍ରାଂଶୁ କୁମାର କହଁର ଉପସ୍ଥିତ ରହି ଏଥିରେ ସହାୟତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିପଦର ବନ୍ଧୁ ଟିମର ରାଜେଶ କୁମାର ଦିଗାଳ , ବିଭୁଦତ ମୁଖୀ ଭାବନୀ ଶଙ୍କର ବେହେରାଙ୍କ ସମେତ ଅନ୍ୟାନ୍ୟ ବନ୍ଧୁ ମାନେ ଉପସ୍ଥିତ ଥିଲେ । ବେପାର ବଣିଜ କରିବା ପାଇଁ ପାଖଆଖ ଅଂଚଳର ଅନେକ ଲୋକ ଫିରିଙ୍ଗିଆ ଉପରେ ନିର୍ଭର କରିଥାନ୍ତି । ତେବେ ଗତ ୫ ବର୍ଷ ରୁ ଅଧିକ ସମୟ ହେବ ଫିରିଙ୍ଗିଆ ଠାରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଜିଲ୍ଲା ଆଦିବାସୀ ଉନ୍ନୟନ ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟବୟ ଅଟକଳରେ ଏକ ଯାତ୍ରୀ ବିଶ୍ରାମା ଗାର ନିର୍ମାଣ କରାଯାଇଥିଲା । ରକ୍ଷଣା ବେକ୍ଷଣା ଅଭାବ ରୁ ଏହି ଯାତ୍ରୀ ବିଶ୍ରାମା ଗାରଟି କାର୍ଯ୍ୟକ୍ଷମ ହୋଇନପାରି ଅଳିଆ ଅବର୍ଜନରେ ପରିପୂର୍ଣ ହୋଇ ରହୁଥିବା ବେଳେ ଏହା ଅସାମାଜିକ ଲୋକଙ୍କ ଆଡ୍ଡା ପାଲଟିଥିଲା । ଏହାର ଚାରି ପାଖରେ କୁଢକୁଢ ମଦବୋତଲ ସାଙ୍ଗକୁ ଅନ୍ୟାନ୍ୟ ଆବର୍ଜନାରେ ଭରି ରହିଥିଲା । ଏହି ସଂକ୍ରାନ୍ତରେ ବିଭିନ୍ନ ଗଣ ମାଧୟମରେ ଖବର ପ୍ରସାରିତ ହୋଇଥିଲେ ହେଁ ବ୍ଲକର ପ୍ରଶାସନ କିମ୍ବା ଅନ୍ୟ କୌଣସି ବିଭାଗର ଦୃଷ୍ଟି ପଡିନଥିଲା ସେଷରେ ବାଧ୍ୟ ହୋଇ ଉପୋରୋକ୍ତ ଦୁଇ ସଂଗଠନ ମିଳିତ ଭାବରେ ଏହି ସ୍ୱଛାତା କାର୍ଯ୍ୟକୁ ହାତକୁ ନେଇଥିଲେ । ଏହି କାର୍ଯ୍ୟ ଯୋଗୁଁ ଦୁଇ ସଂଗଠନର କର୍ମକର୍ତା ମାନଙ୍କୁ ଅଂଚଳର ଲୋକେ ସାଧୁବାଦ ଦେଇଛନ୍ତି ।

## ଅନୁସୂଚିତ ଜାତିଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ବିଜେପି ପକ୍ଷରୁ ଦାବିପତ୍ର

ପୁରୀ,୧୨/୮ (ନି.ପ୍ର): ପୁରୀ ବିଜେପି ପକ୍ଷରୁ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ଉପରେ ହେଉଥିବା ଆକ୍ରମଣ ସମ୍ପର୍କରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି । କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ଉପରେ ବିଜେଡ଼ି କର୍ମୀ ଓ ନେତାଙ୍କ ଆକ୍ରମଣ ବଢିଚାଲିଛି । ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ମଧ୍ୟ ତଦନ୍ତ କରାଯାଉ ନାହିଁ । ଆକ୍ରମଣ ସମ୍ପର୍କରେ ସଂପୃକ୍ତ ଜିଲ୍ଲାରେ ଏସପିଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଏ ସମ୍ପର୍କରେ ରାଜ୍ୟପାଳଙ୍କୁ ଜଣାଇବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ଦେଇଛନ୍ତି । ଏହି ଦାବିପତ୍ର ଦେବା ପାଇଁ କଲେଜ ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ କୋଭିଡ଼ ନିୟମ ପାଳନ କରି ଯାଇଥିଲେ । ଏଥିରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମହିଳା ମୋର୍ଚ୍ଚାର ସଭାନେତ୍ରୀ ଜ୍ୟୋତି ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଯୁବନେତା ଜୟନ୍ତ ଦାଶ, ଦିଗଦର୍ଶକ ପଟ୍ଟନାୟକ ଓ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଥିଲା ।

## କଲେଜକୁ ସାନିଟାଇଜ କରିବା ପାଇଁ ଛାତ୍ର କଂଗ୍ରେସର ଦାବି

ପୁରୀ,୧୨/୮ (ନି.ପ୍ର): କଲେଜ ଖୋଲିବା ପରେ ଏବେ କ୍ଲାସ ଓ ପରୀକ୍ଷା ଆରମ୍ଭ ହୋଇଛି । ଏବେ ବି କରୋନା ଡ଼ର ଛାଡ଼ି ନାହିଁ । ପୁରୀ ଜିଲ୍ଲାରେ ଏବେବି କରୋନା ରୋଗୀ ଚିହ୍ନଟ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟଗୁଡ଼ିକୁ ସାନିଟାଇଜ କରିବା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି । ଦାବିପତ୍ର ଦେବା ସମୟରେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଯୁବନେତା ଆଲୋକ ଦାଶ, ମନୋଜ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ ।

# ଆଦିବାସୀଙ୍କୁ ମେଡିକାଲ ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣା

## କାର୍ଯ୍ୟାନୁଷ୍ଠାନ ବଦଳରେ ଅଭିଯୋଗକାରୀଙ୍କୁ ଥାନାକୁ ଉଠାଇ ନେଲା ପୋଲିସ

ହରିଚନ୍ଦନପୁର,୧୨/୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଭଗାମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଆଦିବାସୀଙ୍କୁ ମେଡିକାଲ ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣାରେ କାର୍ଯ୍ୟାନୁଷ୍ଠାନ ବଦଳରେ ଅଭିଯୋଗକାରୀଙ୍କୁ ଉଠାଇ ନେଇଛି ପୋଲିସ ଏମିତି କିଛି ଅଭିଯୋଗ ସାମ୍ନାକୁ ଆସିଛି । ଖବର ଅନୁଯାୟୀ, ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଚିକିତ୍ସା ଅଧିକାରୀଙ୍କ ପଦବୀ ଖାଲିଥିବା ଯୋଗୁଁ ପ୍ରତ୍ୟେକ ଦିନ ସମସ୍ୟା ଦେଖାଦେଇଥାଏ । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଘଟଗାଁ ଚିକିତ୍ସା ଅଧିକାରୀ ମୁକ୍ତିକାନ୍ତ ନାୟକଙ୍କ ହାତରେ ରହିଛି । ସେ ଘଟଗାଁ ଛାଡ଼ି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ଠିକ୍ ଭାବରେ ତୁଲାଇ ପାରୁନଥିବା କାରଣରୁ ଦିନକୁ ଦିନ ବିଭିନ୍ନ ଛୋଟ ବଡ଼ ସମସ୍ୟା ସୃଷ୍ଟି ହୋଇଥାଏ । ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାରମ୍ବାର ବିଭିନ୍ନ ଛୋଟ ବଡ଼ ସମସ୍ୟା ଉପୁଜୁଥିବା ନେଇ ସ୍ଥାନୀୟ ଆଦିବାସୀ ଶ୍ରେଣୀର ଲୋକେ ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ନପାଇ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଯାହାକୁ ନେଇ ଏଠାକାର ସ୍ଥାନୀୟ ବୁଦ୍ଧିଜୀବୀ ବାରମ୍ବାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପାଖରେ ଦାବି ଉପସ୍ଥାପନ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ଗତ ଜୁଲାଇ ୧୦ ତାରିଖ ଶନିବାର ଦିନ ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାରୀଙ୍କୁ ଆଦିବାସୀ ଯୁବଗୋଷ୍ଠୀ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ହେଲେ ସମାଧାନ ବାଟ ଛାଡ଼ି ସେ ସେମାନଙ୍କ କଥା ନଶୁଣି ଓଲଟା ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ । ଯାହାକୁ ନେଇ କାର୍ଯ୍ୟାଳୟ ମଧ୍ୟରେ ଅଧିକାରୀଙ୍କ ସହ ବିପିଓଙ୍କୁ ଦୀର୍ଘ ୫/୬ ଘଣ୍ଟା ଧରି ତାଲା ପକାଇ ରଖିଥିଲେ । ଖବର ପାଇ ହରିଚନ୍ଦନପୁର ପୋଲିସ ଓ ଘଟଗାଁ ନୂତନ ଏସଡିପିଓ ଏ.କେ. ମହାନ୍ତି ଘଟଣାସ୍ଥଳରେ ପହଂଚି ଥିଲେ । ଯୁବଗୋଷ୍ଠୀଙ୍କୁ ଅନେକ ବୁଝାସୁଝା କରିବା ସହ ଆବଶ୍ୟକୀୟ କର୍ମଚାରୀ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବାପରେ ଯୁବଗୋଷ୍ଠୀ ଅଧିକାରୀଙ୍କୁ ଛାଡିଥିଲେ । ଦୁର୍ବ୍ୟବହାର ଘଟଣାକୁ ନେଇ ଅଧିକାରୀଙ୍କ ନାମରେ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା, ହେଲେ ଅଭିଯୋଗ ପତ୍ର ନରଖିବା କାରଣରୁ ପରେ ଅନଲାଇନ୍ ଯୋଗେ ଆରକ୍ଷୀ ଅଧିକ୍ଷକଙ୍କ ପାଖରେ ଓ ପରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀରେ ଲିଖିତ ଅଭିଯୋଗ କରାଯାଇଥିଲା । ନ୍ୟାୟ ପାଇଁ ବିଭିନ୍ନ ଅଭିଯୋଗ ପରେ ମଧ୍ୟ ଘଟଣାର କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ବୁଧବାର ସକାଳ ସମୟରେ ଅଭିଯୋଗକାରୀ ପ୍ରେମ୍ ପ୍ରକାଶ ମୁଣ୍ଡା, ଲକ୍ଷ୍ମୀଧର ମହାରଣା ଓ ଜ୍ଞାନ ରଞ୍ଜନ ମହାନ୍ତଙ୍କୁ ପୋଲିସ କିଛି ନ ଜଣାଇ ଘରୁ ଉଠାଇ ନେଇ କୋର୍ଟ ଚାଲାଣ କରିଥିବାକୁ ଆଦିବାସୀ ଲୋକେ ତୀବ୍ର ନିନ୍ଦା କରିବା ସହ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ହେଲେ ସେହି ଦିନ ମାନ୍ୟବର ବିଚାରପତି ଘଟଣା ସମ୍ପର୍କରେ ଜାଣିବା ପରେ ସେମାନଙ୍କୁ ଜାମିନରେ ଛାଡ଼ିଥିବା ଜଣାପଡ଼ିଛି । ଏନେଇ ଜିଲ୍ଲା ପ୍ରଶାସନ ଓ ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେଇ ଘଟଣାର ନିରପେକ୍ଷ ତଦନ୍ତ କରାଇ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।

## ନୂଆପଡା ଜିଲ୍ଲା କଳା ସଂସ୍କୃତି ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୨୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ନୂଆପଡ଼ା,୧୨/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା କଳା ସଂସ୍କୃତି ସଂଘର କଳାକାର ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୨୨ ଦଫା ଦାବୀ ସମ୍ବଳିତ ପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ନିଜ କାର୍ଯ୍ୟାଳୟରେ ନଥିବାରୁ ଡେପୁଟି କଲେକ୍ଟର ସନ୍ତୋଷ ରଣାଙ୍କୁ ଦାବୀ ପତ୍ର ଦେଇଥିଲେ । କଳାକାର ମାନଙ୍କୁ ତୁରନ୍ତ କାମ ଯୋଗାଇ ଦେବା ସହ ଆର୍ଥିକ ସହାୟତା, ସରଞ୍ଜାମ ମରାମତି ଖର୍ଚ୍ଚ, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ଦୁର୍ଘଟଣାଜନିତ ଶାରୀରିକ କ୍ଷୟକ୍ଷତି ପାଇଁ ସହାୟତା, ପୁଅଝିଅଙ୍କ ପାଠ ପଢ଼ିବା ପାଇଁ ସ୍ଥାନ ସଂରକ୍ଷଣ, କଳାକାର ଭତା ହିତାଧିକାରୀ ସଂଖ୍ୟା ପଚାଶ ହଜାରରୁ ଏକ ଲକ୍ଷକୁ ବୃଦ୍ଧି କରାଯିବା, ସଂଘୀୟ କାମରେ ଅଫିସ୍ ଯିବା ଆସିବା ଗସ୍ତ ଖର୍ଚ୍ଚ ଓ ସେହି ଦିନର ଅତି କମ୍ ରେ ୪୦୦ ଟଙ୍କା ପାଉଣା ଇତ୍ୟାଦି ୨୨ ଦଫା ଦାବୀ ଜଣାଇଛନ୍ତି ।

ସେହିପରି ଜିଲ୍ଲା କଳା ସଂସ୍କୃତି ଅଧିକାରୀ (ଇନଚାର୍ଜ) ଦେବେନ୍ଦ୍ର ରାଉତଙ୍କୁ ବିଭିନ୍ନ ବିଭାଗର ଜନ ସଚେତନତା ପାଣ୍ଠି ବିନିଯୋଗ କରି କଳାକାର ମାନଙ୍କୁ ତୁରନ୍ତ କାମ ଯୋଗାଇ ଦେବା ପାଇଁ ଦାବୀ ଜଣାଇଛନ୍ତି । ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ତ୍ରିମନ ମାଝୀ, ସଦସ୍ୟ ଅର୍ଜୁନ ଛତ୍ରିଆ, ରାଧେଶ୍ୟାମ ବିଶିଷ୍ଟ, ଖଡ଼ିଆଳ ବ୍ଲକ୍ ଉପସଭାପତି ଅମୂଲ୍ୟ ମୁଣ୍ଡ, ସିନାପାଲି ବ୍ଲକ୍ ଉପସଭାପତି ଅଶୋକ ନାଏକ, ବୋଡେନ୍ ବ୍ଲକ୍ ଉପସଭାପତି ଉପେନ୍ଦ୍ର ସଲମା, ନୂଆପଡ଼ାରୁ ନୀଳାମ୍ବର ମାଝୀ, କୋମନାରୁ ହରିହର ନାଏକ, ଡଗ୍ରେଶ୍ୱର ବାଗ, ଜଗତ ରାମ ନାଗ, ବସନ୍ତ ଅଦା ପ୍ରମୁଖ ୫ଟି ବ୍ଲକରୁ ପ୍ରାୟ ୪୦ ଜଣ କଳାକାର ଉପସ୍ଥିତ ରହିଥିଲେ ।

# ଛତୁଆ ଦୁର୍ନୀତିର ଚେର ଖୋଜୁଛି ଭିଜିଲାନ୍ସ

ପୁରୀ,୧୨/୮ (ନି.ପ୍ର): ଛତୁଆ ଦୁର୍ନୀତିର ମାଷ୍ଟରମାଇଣ୍ଡ କୋଟିପତି କିରାଣୀ କୃଷ୍ଣଚନ୍ଦ୍ର ଜେନାଙ୍କ ଅର୍ଥ ମହଜୁଦ ସଂପର୍କରେ ଖୋଳତାଡ଼ କରୁଛି ଭିଜିଲାନ୍ସ ବିଭାଗ । ସରକାରୀ ମୂଲ୍ୟାୟନରେ ୧ କୋଟି ୬୬ ଲକ୍ଷ ଟଙ୍କା ହିସାବ ହୋଇଥିବା ବେଳେ ଏହା ବଜାରର ପ୍ରକୃତମୂଲ୍ୟ ୧୦ କୋଟି ହେବ ବୋଲି ଗୁଣ୍ଡିଚା ମନ୍ଦିର ଅଂଚଳରେ ଆଲୋଚନା ହେଉଛି । ଦୀର୍ଘ ବର୍ଷ ପୁରୀ ସହରାଞ୍ଚଳ ସମ୍ବନିତ ଶିଶୁ ବିକାଶ ଉନ୍ନୟନ ପ୍ରକଳ୍ପରେ ଷ୍ଟାଟିଷ୍ଟିକାଲ ଆସିଷ୍ଟାଂଟ ଭାବେ କାର୍ଯ୍ୟକରି ବହୁ ଦୁର୍ନୀତିରେ ବୁଡ଼ି ରହିଥିବା ଅଭିଯୋଗ ହୋଇଥିଲା । ଗତକାଲି ପୁରୀ ଓ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ସକାଳୁ ଚଢାଉ କରି ପୁରୀ ଜିଲ୍ଲା ଭିତରେ ୩ଟି ସ୍ଥାନରେ କୋଠା ରହିଥିବା ଜାଣିପାରିଥିଲେ । ଭୁବନେଶ୍ୱରରେ ଥିବା ବିଳାସପୂର୍ଣ୍ଣ ଅଟ୍ଟାଳିକା ଭଡ଼ା ସୂତ୍ରରେ ଲଗାଇଛନ୍ତି । ପୁରୀ ଗୁଣ୍ଡିଚା ମନ୍ଦିର ନିକଟ ଗୁଣ୍ଡିଚା ବିହାର ଲେନରେ ୩ ତାଲା ବିଶିଷ୍ଟ କୋଠା ନିର୍ମାଣ କରି ରହୁଥିଲେ । ତାଙ୍କର ପୈତୃକ ଗ୍ରାମ ବ୍ରହ୍ମଗିରିର କରିମପୁରରେ ଅନେକ ଜମି ରହିଥିବାବେଳେ ଚିଙ୍ଗୁଡ଼ି ଫିଲ୍ଡ ରହିଛି । ପୁରୀରେ ରହୁଥିବା ସାହିରେ ପ୍ରତିମାସରେ ଚିଙ୍ଗୁଡ଼ି ଭୋଜିରେ ଆପାୟିତ କରୁଥିବା ସାହି ଲୋକ କହୁଛନ୍ତି । ୬ଟି ମୂଲ୍ୟବାନ ପ୍ଲଟ,୨ଟି ଚାରିଚକିଆ ଗାଡ଼ି, ୧୦ଟି ଦୁଇ ଚକିଆ ଗାଡ଼ି, ୪୯ ଲକ୍ଷ ଟଙ୍କାର ବ୍ୟାଙ୍କ ଡ଼ିପୋଜିଟ୍ , ୭ଲକ୍ଷ ୫୨ ହଜାର ଟଙ୍କାର ଇନସ୍ୟୁରାନ୍ସ ବଣ୍ଡ ଭିଜିଲାନ୍ସ ହିସାବ କରି ସୁଚନା ଦେଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଜେନାବାବୁ ବହୁ କରିତକର୍ମା ହୋଇଥିବା ବେଳେ ଅନେକ ଅଙ୍ଗନବାଡ଼ି କର୍ମୀ ତାଙ୍କ ପାଖକୁ ଦଉଡ଼ିଥାନ୍ତି । ଛତୁଆ ଯୋଗାଣ ପୂର୍ବରୁ ଅଙ୍ଗନବାଡ଼ିକୁ ଚାଉଳ ଯୋଗାଣ ହେଉଥିଲା । ଏହି ଚାଉଳ ଯୋଗାଣରୁ ହିଁ ବାବୁଙ୍କ ଦୁର୍ନୀତିର ଚେର ଆରମ୍ଭ ହୋଇଥିଲା । ଜଣେ ଚାଉଳ ଗୋଦାମ ମାଲିକ ପୁରୀ ଜିଲ୍ଲାର ସମସ୍ତ ଚାଉଳ ଯୋଗାଉଥିଲେ । ଏପରିକି ଅଙ୍ଗନବାଡ଼ି କେନ୍ଦ୍ରରେ ଚାଉଳ ବାବଦ ଟଙ୍କା ଦେଇ ହଜାର ହଜାର ବସ୍ତା ଚାଉଳ କଳା ବଜାରରେ ବିକ୍ରି ହେଉଥିଲା । ଉକ୍ତ ଗୋଦାମ ମାଲିକ ପଚାଶ କେଜିଆ ଚାଉଳ ଅଖାରୁ ଗୋବା ମାରି ୪୦ କେଜି, ୩୫ କେଜି, ୩୮ କେଜି ଅଖାରେ ରଖି ବଳକା ଚାଉଳତକ କାଢି ଅନ୍ୟ ଅଖାରେ ପ୍ୟାକିଂ କରି ଯୋଗାଉଥିଲେ । ଏହି ଚାଉଳ ଗୋଦାମ ମାଲିକ ଏବେ କୋଟିପତି ହୋଇ ପ୍ରାୟ ୬୦ଟି ମୂଲ୍ୟବାନ ଜମି କିଣିବା , ପୁରୀ ସହରରେ ୬ଟି କୋଠା, ସମୁଦ୍ରକୂଳ ନିକଟରେ ୨ଟି ହୋଟେଲ ଲିଜ୍ ସୂତ୍ରରେ ନେଇ ଜେନା ବାବୁଙ୍କ ସହ ଗେହ୍ଲାପୁଅ ହୋଇଥିଲେ । ଛତୁଆ ପରେ ଚାଉଳ ଲିଙ୍କ ଖୋଳତାଡ଼ ହେବା ପାଇଁ ସହରରେ ଆଲୋଚନା ଜୋର ଧରିଛି ।

## ମୃତ ସାମ୍ବାଦିକଙ୍କ ପରିବାରକୁ ବନବାସୀ ସେବା ସମିତି ପକ୍ଷରୁ ସହାୟତା ପ୍ରଦାନ

କନ୍ଧମାଳ,୧୨/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୁଆଗାଁ ବ୍ଲକର ଏକ ଦୈନିକ ଖବର କାଗଜର ସାମ୍ବାଦିକ ମୃତ ସୁଦାମ ନାୟକଙ୍କ ପରିବାରକୁ ବନବାସୀ ସେବା ସମିତି ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି । ଗତ ମେ ମାସରେ ସଂକ୍ରମଣ ଆକ୍ରାନ୍ତ ଚିହ୍ନଟ ପରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ବ୍ଲକର ଜଣେ ଜଣାଶୁଣା ପୂର୍ବତନ ସରପଂଚ, ସାମ୍ବାଦିକ, ସମାଜସେବୀ, କ୍ରୀଡାବିତ୍ ଓ ଉତମ ସଂଗଠକ ହୋଇଥିବା ଯୋଗୁଁ କନ୍ଧମାଳ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ସନ୍ତୋଷ କୁମାର ଦାସ ବନବାସୀ କର୍ମକର୍ତାଙ୍କ ସହ ଯୋଗାଯୋଗ କରି ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ସହୃଦୟତାର ସହ ବନବାସୀ ସେବା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, କର୍ମକର୍ତା ବିଶ୍ୱଜିତ ଜେନା, ଖଗେନ୍ଦ୍ର ନାୟକଙ୍କ ସମେତ ସାମ୍ବାଦିକ ମନୋରଞ୍ଜନ ରାୟ, ସୁବାଷ ଚନ୍ଦ୍ର ମହାରଣା,କାଳୀ ପ୍ରସାଦ ତ୍ରିପାଠୀ ପ୍ରମୁଖ ପରଲୋକ ସାମ୍ବାଦିକଙ୍କ ଜୁଗାପଦର ସ୍ଥିତ ବାସଗୃହରେ ପହଂଚି ସ୍ୱର୍ଗତ ନାୟକଙ୍କ ପତ୍ନୀ ଲିଳିମା ନାୟକ, ପୁଅ ଗୋପାଳ କୃଷ୍ଣ, ବାଳକୃଷ୍ଣ ଓ ଝିଅ ହରପ୍ରିୟାକୁ ସମବେଦନା ଜଣାଇବା ସହ କିଛି ଖାଦ୍ୟ ସାମଗ୍ରୀ, ଲୁଗାପଟା ଓ କରୋନା ରକ୍ଷକ ସାମଗ୍ରୀ ପ୍ରଦାନ କରିଥିଲେ ।

## ବାରହା ଶିକାର ପାଇଁ ତାର ବିଛାଉଥିବା ବେଳେ ଶିକାରୀ ଗିରଫ

ଗଞ୍ଜାମ,୧୨/୮ (ନି.ପ୍ର): ବାରହା ଶିକାର ପାଇଁ ଜଙ୍ଗଲରେ ତାର ବିଛାଉ ଥିବା ବେଳେ ବନ କର୍ମଚାରୀଙ୍କ ହାତରେ ଧରାପଡିଛନ୍ତି ଜଣେ ଅଭିଯୁକ୍ତ । ଭଞ୍ଜନଗର ଉତର ଘୁମୁସର ବନଖଣ୍ଡ ମୁଜାଗଡ଼ ବନାଚଂଳରେ ଭଞ୍ଜନଗର ସେକ୍ସନ ଅନ୍ତର୍ଗତ ଅଧାପଦର ଜଙ୍ଗଲରେ ଅଭିଯୁକ୍ତ ବିଞ୍ଜଗିର ଗ୍ରାମର ପିଟୁଂ ନାୟକ ବାରହା ଶିକାର ପାଇଁ ତାର ବିଛାଉଥିବା ବେଳେ ବନ କର୍ମଚାରୀଙ୍କ ହାତରେ ଧରାପଡିଛନ୍ତି । ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା । ଜାମିନ୍ ନାମାଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଚଢ଼ଉରେ ଭଞ୍ଜନଗର ବନପାଳ ବଂଶୀଧର ବିଷୋୟୀ, ଫରେଷ୍ଟଗାର୍ଡ଼ ଦିନବନ୍ଧୁ ମିଶ୍ର, ସୁଶାନ୍ତ ମିଶ୍ର ସାମିଲ୍ ହୋଇଥିଲେ ।

# କେହି ଶୁଣିଲେଣି , ରାସ୍ତା ତିଆରି କରୁଛନ୍ତି ଦିବ୍ୟାଙ୍ଗ ଧନଞ୍ଜୟ

ନୂଆପଡା,୧୨/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଖର୍ସେଲ ଗ୍ରାମପଞ୍ଚାୟତର ସାଲେବିରଡି -ଡ଼ଙ୍ଗରିଗୁଡା ରାସ୍ତା ମଝିରେ କାଦୁଅ ହୋଇ ଖରାପ ହୋଇଯାଇଥିବା ବେଳେ ମରାମତି କରିବାକୁ କେହି ଇଚ୍ଛା ନ କରିବାରୁ ଅଣ୍ଟା ଭିଡିଛନ୍ତି ଦିବ୍ୟାଙ୍ଗ ଧନଞ୍ଜୟ ସା । ତାଙ୍କ ଘର ଖର୍ସେଲ ଗ୍ରାମରେ । ଉକ୍ତ ରାସ୍ତା ଦେଇ ସେ ସବୁଦିନ ନିଜ ବିଲକୁ ଯାଆନ୍ତି । ଛୋଟ ବେଳୁ ତାଙ୍କର ଗୋଟିଏ ଗୋଡ଼ ନାହିଁ ଓ ତିନି ଚକିଆ ଗାଡ଼ିରେ ଯା’’ ଆସ କରନ୍ତି । କାଦୁଅ ଭର୍ତି ରାସ୍ତାରେ ଗାଡ଼ି ଚଲାଇବା କଷ୍ଟକର ହୋଇପଡେ । ଏପରିକି ବାଇକ୍ ଆରୋହୀ ମାନେ ମଧ୍ୟ ଅସୁବିଧା ଭୋଗ କରନ୍ତି । ଏନେଇ ଧନଞ୍ଜୟ ବିଭିନ୍ନ ଲୋକଙ୍କୁ ରାସ୍ତା ମରାମତି କରିବାକୁ ନିବେଦନ କଲେ ମଧ୍ୟ କେହି ଶୁଣିଲେ ନାହିଁ ।ଶେଷରେ ସେ କୋଦାଳ, ପାଛିଆ ଧରି ନିଜେ ରାସ୍ତା ମରାମତି କରିବାକୁ ଲାଗିଛନ୍ତି । ତାଙ୍କର ଏହି ଉଦ୍ୟମ ଅନ୍ୟ ମାନଙ୍କ ପାଇଁ ପ୍ରେରଣାଦାୟକ ନିଶ୍ଚୟ ।

## ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶବ ଉଦ୍ଧାର : ଥାନାରେ ଅଭିଯୁକ୍ତର ଆତ୍ମସମର୍ପଣ

କନ୍ଧମାଳ,୧୨/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ସୁବଳିଆ ଗାଁ ନିକଟ ରାସ୍ତା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ତାଙ୍କ ଶବ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ପଡିଥିବା ନେଇ ଆଜି ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ସେମାନେ ଏନେଇ ପୋଲିସକୁ ଖବର ଦେଇଥିଲେ । ମୃତ ଯୁବକଙ୍କ ନାମ ଯଶୋବନ୍ତ ବେହେରା (୩୫) । ତାଙ୍କ ଘର ଚକାପାଦ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣପାଦ ଅଂଚଳରେ ବୋଲି ଜଣାପଡିଛି । ପରକିୟା ପ୍ରୀତିକୁ ନେଇ ସେହି ଅଂଚଳର ମକରନ୍ଦ ନାୟକ ତାଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ବୟାନ ଦେବା ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିଛି । ଚକାପାଦ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜ୍ଜୁ କରିଛି । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ବ୍ୟବସାୟୀଙ୍କ ଘରୁ ଚୋରି, ସାଇଂଟିଫିକ ଟିମ ଓ ସନ୍ଧାନୀ କୁକୁରର ତନାଘନା

କୋରେଇ,୧୨/୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଶଗଡ଼ି ଗ୍ରାମ ନିକଟରେ ହାଟସାହି-ଶଙ୍ଖଚିଲା ରାସ୍ତା କଡ଼ରେ ଘର କରି ରହୁଥିବା ବ୍ୟବସାୟୀ ମିର୍ଜା ଆଦିଲ ବେଗଙ୍କ ଘରେ ଚୋର ମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରି ନେଇଥିବାର ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୁଚନାନୁସାରେ ସୋମବାର ଦିନ ଆଦିଲିଙ୍କ ପରିବାର ଘରେ କେହି ନଥିଲେ । ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଚୋର ମାନେ ଆଦିଲଙ୍କ ଘରେ ପଶି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିଲେ । ପରଦିନ ସକାଳୁ ଆଦିଲଙ୍କ ଭାଇ ମିର୍ଜା ଅସଲମ ବେଗ ଘରକୁ ଆସି ଚୋରୀ ହୋଇଥିବା ଜାଣିବା ପରେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ପୁଲିସ ଏକ ମାମଲା ୨୨୪/୨୧ରଜୁ କରି ତଦନ୍ତ ଆମ୍ଭ କରିଛି । ଯାଜପୁର ଜିଲ୍ଲା ସାଇଂଟଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଚୋରକୁ ଧରିବା ଲାଗି ଚେଷ୍ଟା କରାଯାଉଛି ବୋଲି ତଦନ୍ତକାରୀ ଅଧିକାରୀ ପାଣିକୋଇଲି ଥାନାର ଥାନାଧିକାରୀ ସୁଶୀଲ କୁମାର ନାୟକ ଜଣାଇଛନ୍ତି । ଏଠାରେ ପ୍ରକାଶଥାଉକି ପାଣିକୋଇଲି ଥାନାର କର୍ମଚାରୀ ଅଭାବରୁ ତଥା ପୁଲିସର ଚୋର ଧରିବାରେ ବିଫଳତା ହେତୁ ପାଣିକୋଇଲି ଥାନା ଅଂଚଳରେ ଏବେ ଚୋର ମାନଙ୍କର ରାଜୁତି ଚାଲିଛି । ଯାହା ଫଳରେ ସାଧାରଣରେ ଭୟ ସୃଷ୍ଟି ହୋଇଛି ।

# ଫିରିଙ୍ଗିଆରେ ବିଜେଡି ମହିଳା ସଂଗଠନର ସମାବେଷ ଅନୁଷ୍ଠିତ

କନ୍ଧମାଳ,୧୨/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ମହିଳା ବିଜୁ ଜନତା ଦଳ ତରଫରୁ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଫିରିଙ୍ଗିଆ ପଂଚାୟତ ସମିତି ଅଧକ୍ଷ ଲାଲନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପୁନମ କହଁର, ଫିରିଙ୍ଗିଆ ବ୍ଲକ ମହିଳା ସଭାନେତ୍ରୀ ଜୟଶ୍ରୀ କହଁର , ଜିଲ୍ଲା ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ମଲ୍ଲିକ , ବିଜେଡି ବ୍ଲକ ସଭାପତି ରଜନୀକାନ୍ତ ମଲ୍ଲିକ ପ୍ରମୁଖ ଜିଲ୍ଲା ବିଜେଡି ମହିଳା ସାଧାରଣ ସମ୍ପାଦିକା ମାମୁନି ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ଜୟଶ୍ରୀ କହଁରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ ବିଜେଡି ଉପସଭାପତି ପ୍ରଦୀପ କୁମାର ବେହେରା ଏବଂ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଂଚାୟତରୁ ଶତାଧିକ କର୍ମି ନେତାଙ୍କ ସହ ଅନେକ ମହିଳା ମାନେ ଯୋଗ ଦେଇଥିଲେ । ବ୍ଲକ ସ୍ତରୀୟ ମହିଳା ମୋର୍ଚ୍ଚା କମିଟି ଗଠନ କରିବା ଓ ଆଗାମୀ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳକୁ ତୃଣମୁଳ ସ୍ତରରେ ସୁଦୃଢ କରିବା ଏହି କାର୍ଯ୍ୟକ୍ରମର ମୁଳ ଲକ୍ଷ ବୋଲି ଫୁଲବାଣୀ ବିଧାୟକ କହିଥିଲେ । କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲ୍ଲା କଳାକାର ସଂଙ୍ଘ ସଭାପତି ଅକ୍ଷୟ କୁମାର କର୍ଣ୍ଣ ପରିଚାଳନା କରିଥିଲେ ।

## ଜଣେ ଶିକ୍ଷକରେ ଚାଲିଛି ବ୍ରାହ୍ମଣଛାଇ ହାଇସ୍କୁଲ

ଗଞ୍ଜାମ,୧୨/୮ (ନି.ପ୍ର): ଜଣେ ଶିକ୍ଷକରେ ଚାଲିଛି ବ୍ରାହ୍ମଣଛାଇ ହାଇସ୍କୁଲ । ଏହି ସ୍କୁଲଟି ଗଞ୍ଜାମ ଜିଲ୍ଲା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳି ଶେରଗଡ଼ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣଛାଇ ଗ୍ରାମରେ ରହିଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳି ଶେରଗଡ଼ ବ୍ଲକରେ ବର୍ତମାନ ୨୮ଟି ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ମାର୍ଟ କ୍ଲାସରୁମ୍ ର ବ୍ୟବସ୍ଥା କରାଯାଇଛି । କୋଟି କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ସରିଛି । ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦଘାଟନ କରିବେ । ତେବେ ଏହି ବ୍ଲକର ବାସ୍ତବ ସ୍ଥିତି ଚିତ୍ର ହେଉଛି । ଏଠାକାର ଶିକ୍ଷାଦାନ ବ୍ୟବସ୍ଥା ଭୁଶୁଡ଼ି ପଡିଛି । ବ୍ରାହ୍ମଣଛାଇ ହାଇସ୍କୁଲର ଶିକ୍ଷାଦାନ ବ୍ୟବସ୍ଥା ଜାଣିଲେ ଯେ କେହି ଚକିତ ହୋଇପଡିବ । ଏହି ହାଇସ୍କୁଲରେ ଜଣେ ମାତ୍ର ପ୍ରଧାନ ଶିକ୍ଷକ ୧୪୦ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରୁଛନ୍ତି । ବିଦ୍ୟାଳୟରେ ୪ ଜଣ ଶିକ୍ଷକ ପୂର୍ବରୁ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇ ଅନ୍ୟତ୍ର ଚାଲିଯାଇଛନ୍ତି । ଅନ୍ୟ ଦୁଇ ଜଣ ମଧ୍ୟ ବଦଳି ହୋଇଯାଇଛନ୍ତି । ଏବେ ଜଣେ ମାତ୍ର ପ୍ରଧାନଶିକ୍ଷକ ହାଇସ୍କୁଲ ଚଳାଉଛନ୍ତି ।

# ସୌନ୍ଦର୍ଯ୍ୟର ଗନ୍ତାଘର: କାନାତାଲ୍

ଉତ୍ତରାଖଣ୍ଡରେ ଗ୍ରୀଷ୍ମରେ ଦୋବିଦେଶରୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ । ଗରମର ପ୍ରକୋପରୁ ବର୍ତ୍ତିବା ନିମନ୍ତେ ଲୋକେ ଏଠାରେ ଥିବା ସୁନ୍ଦର ହିଲଷ୍ଟେସନଗୁଡ଼ିକୁ ଛୁଟିଥାନ୍ତି । ସେଠାକା ଟିହରି-ଗଡ଼ୱାଲ ଜିଲାସ୍ଥ ଚମ୍ବା - ମସୁରୀ ହାଇୱେ ପାଖରେ କାନାତାଲ ଗ୍ରାମ ରହିଛି ମସୁରୀ ଯାତ୍ରା କରୁଥିବା ସଂଖ୍ୟାଧିକ ପର୍ଯ୍ୟଟକ ଏଇ ଗ୍ରାମରେ ଗୋଟିଏ ଦିନର ରହଣି କରି ଯାତ୍ରା କରନ୍ତି । କାନାତାଲ୍‌ରେ ବିଭିନ୍ନ ଦଶନୀୟ ପର୍ଯଟକମାନେ ନେଇଥାନ୍ତି । ତନ୍ମଧ୍ୟରୁ ପ୍ରମୁଖ ଆକର୍ଷଣ ହେଉଛି ସ୍ଥାନୀୟ ଘାଟି । ରୋମାଞ୍ଚକର ଏଇ ଘାଟିରେ ଯିବା ପୂର୍ବରୁ ପ୍ରଥମେ ପର୍ଯ୍ୟଟକଙ୍କୁ ସତର୍କ କରାଯାଏ । ସେମାନେ ଦୃଢ଼ମନା ଓ ସୁସ୍ଥ ହୋଇଥିବା ଦରକାର । ଭର୍ଟିଗୋ ରୋଗୀ ହୃଦରୋଗୀଙ୍କୁ ଏଇ ଘାଟି ଦେଇ ଯିବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଇଚ୍ଛୁକ ଲୋକଙ୍କର ଅଣ୍ଟାରେ ମୋଟା ଦଉଡ଼ି ବନ୍ଧାଯାଏ, ୮୦ଫୁଟ ଗଭୀର ଘାଟି ଉପରେ ଦେଇ ଚାଲିକରି ଯିବାକୁ ପଡ଼େ । ଘାଟି ଉପରେ ଦେଇ ଯିବାବେଳେ ଚତୁର୍ଦ୍ଦିଗର ସୌନ୍ଦର୍ଯ୍ୟକୁ ଲୋକେ ଭଲ ଭାବେ ଅନୁଭବ କରନ୍ତି । ସ୍ଥାନୀୟ





କୋଡ଼ିଆ ଜଙ୍ଗଲରେ କ୍ୟାମ୍ପିଂ କରି ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭବ ଦିଆଯାଏ । ଜଙ୍ଗଲରେ କ୍ୟାମ୍ପିଂ ସମୟରେ ହରିଣ ବଣୁଆ ଘୁଷୁରୀ ଆଦି ପ୍ରାଣୀ ସହଜରେ ଦେଖିବାକୁ ମିଳନ୍ତି । ଏଇ କାନାତାଲ ଗ୍ରାମକୁ ଯାତାୟତ ପାଇଁ ମଧ୍ୟ କୌଣସି ଅସୁବିଧା ନାହିଁ । ମସୁରୀ - ଚମ୍ବା ସଡ଼କପଥ ଦେଇ ସେଠାକୁ ଯାଇହେବ, ନଚେତ ଡେରାଡୁନ ଓ ଋଷିକେଶ ଏହାର ନିକଟତମ



ରେଳଷ୍ଟେସନ ଅଟନ୍ତି । ଗ୍ରୀଷ୍ମଦିନେ ଏଇ ଅଞ୍ଚଳହେର ତାପମାତ୍ରା ଅତିବେଶୀରେ ୧୦-୨୦ ଡିଗ୍ରୀ ରହିଥାଏ ।

# ଟମାଟୋ ଦେହକୁ ହିତ

ଟମାଟୋ ଏକ ଉପାଦେୟ ପରିବା । ଅଧିକାଂଶ ତରକାରିରେ ଏହା ପଡ଼େ । ଏହାକୁ ସୁପ୍ ଚଟଣି ଏବଂ ସାଲାଡରେ ମଧ୍ୟ ବ୍ୟବହାର କରାଯାଏ । ଏଥିରେ ଭିଟାମିନ, ଖଣିଜ ସିହ ମଣିଷ ପାଇଁ ଆବଶ୍ୟକ ଏକାଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କୋଲେଷ୍ଟରଲ ମଧୁମେହକୁ ମଧ୍ୟ ନିୟନ୍ତିତ କରେ ।



- ♦ ପ୍ରତିଦିନ ସକାଳେ ବିନା ପାଣିରେ ଗୋଟିଏ ଟମାଟୋ ଖାଆନ୍ତୁ । ଏହା ଦେହ ପାଇଁ ସ୍ୱାସ୍ଥ୍ୟକର । ଟମାଟୋ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଉପଯୋଗୀ ।
- ♦ ପ୍ରତିଦିନ ୨/୩ଟି ଟମାଟୋ ଖାଇଲେ ଓଜନ କମେ ।
- ♦ ଟମାଟୋ ସହିତ ଜୁଆଣି ମିଶାଇ ଖାଇଲେ ଗଣ୍ଠିବାତ ଦୂର ହୁଏ।
- ♦ ଗର୍ଭାବସ୍ଥାରେ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟମାଟୋ ଖାଇବା ଉଚିତ ।
- ♦ ଟମାଟୋରେ ଭିଟାମିନ୍ କେ ଏବଂ କ୍ୟାଲସିୟମ ଥିବାରୁ ଏହା ହାଡ଼ ମଜଭୂତ କରେ ।
- ♦ ଟମାଟୋରେ ସୈନ୍ଧବ ଲବଣ ମିଶାଇ ଖୋଇଲେ ମୁହଁ ଉଜ୍ଜ୍ୱଳ ଦେଖାଯିବ ।

# କମ୍ ବୟସରେ କେଶ ପାଚିବା ସମସ୍ୟା ଓ ଘରୋଇ ଉପଚାର



କେଶର ରଙ୍ଗ କଳା ବା ସ୍ୱାଭାବିକ ରଖୁଥିବା ମେଲାନିନ ନାମକ ଏକ ଉପାଦାନ କମିଗଲେ, କେଶ ପାଚେ । ସାଧାରଣତଃ କୋଡ଼ିଏ ବର୍ଷ ପରେ ମେଲାନିନ କମିବା ଆରମ୍ଭ ହୁଏ । ଏଥିପ୍ରତି ସାବଧାନତା ଜରୁରୀ । ଏହି ବୟସରେ କେଶ ପାଚିଲେ ରାସାୟନିକ କେଶ ରଙ୍ଗ ବ୍ୟବହାର କରନ୍ତୁ ନାହିଁ । ଏହା ଦ୍ୱାରା କଳା କେଶ ଖୁବ ଶୀଘ୍ର ପ୍ରଭାବିତ ହୁଏ । କମ ଦିନ ମଧ୍ୟରେ ସବୁ କେଶ ପାଚିଯାଏ । ପାର୍ଶ୍ୱ ପ୍ରତିକ୍ରିୟା ଘଟି କେଶ ମୂଳରେ ଘା' ହୋଇପାରେ । ତିନି ଚାମଚ ଲେମ୍ବୁ ରସରେ ନଡ଼ିଆ ତେଲ ଫେଣ୍ଟି କେଶରେ ଲଗାନ୍ତୁ ଓ ମଥାରେ ଘଷନ୍ତୁ । ଘଣ୍ଟାଏ ପରେ ଅଁଳା, ରିଠା ରସଯୁକ୍ତ ସାମ୍ପୁରେ ଧୁଅନ୍ତୁ । ଏହା ଦ୍ୱାରା କେଶକୁ ଏଣ୍ଟିଅକ୍ସିଡାଣ୍ଟ ମିଳେ ଓ ପାଚିବା ବନ୍ଦ ହୁଏ । ସଂକ୍ରମଣ କିମ୍ବା ପାର୍ଶ୍ୱ ପ୍ରତିକ୍ରିୟା ଭୟ ରହେ ନାହିଁ ସପ୍ତାହରେ ଦୁଇ ଥର ଏହି ଉପଚାର କରନ୍ତୁ । ନଡ଼ିଆ କିମ୍ବା ସୋରିଷ ତେଲରେ କିଛି ମେହେନ୍ଦି ପତ୍ର ଫୁଟାଇ, କେଶରେ ଲଗାଇବା ଦ୍ୱାରା କମ ବୟସରେ କେଶ ପାଳିବା ସମସ୍ୟା ଦୂର ହୁଏ । ଅଁଳାର ଭିଟାମିନ ସି ଏବଂ ଏଣ୍ଟିଅକ୍ସିଡାଣ୍ଟ ଉପାଦାନ ପକ୍ୱ କେଶ ପ୍ରତିରୋଧୀ । ଶୁଖିଲା ଅଁଳାକୁ ନଡ଼ିଆ ତେଲରେ ଫୁଟାଇ, ଥଣ୍ଡା ହେବା ପରେ କେଶରେ ଲଗାନ୍ତୁ ସପ୍ତାହରେଦୁଇଥର ଏପରି କରିବା ଦ୍ୱାରା କେଶ ପାଚିବା ବନ୍ଦ ହୁଏ ।






## କୋମଳ ହାତ

ଅଧ କପ ଗୋଲାପ ଜଳରେ ଦୁଇ ଚାମଚ ଗ୍ଲିସେରିନ ଓ ଫାଳେ ଲେମ୍ବୁ ରସ ଫେଣ୍ଟି ଦିନକୁ ଦୁଇଥର ହାତରେ ଲଗାନ୍ତୁ । ନିୟମିତ ହାତରେ ବାଦାମ ତେଲ ଲଗାଇବା ଦ୍ୱାରା ତ୍ୱଚାରୁ ମୃତ କୋଷ ବାହାରିଯାଏ ଓ ମୁଲାୟାମ ହୁଏ । ରାତିରେ ଲହୁଣି ଲଗାଇ ସକାଳେ ହାତ ଧୂଅନ୍ତୁ, ରୁକ୍ଷତା ଦୂର ହେବ ଓ କୋଳ ରହିବ । ରାତିରେ ଶୋଇବା ପୂର୍ବରୁ ଘିକୁଆଁରୀ ରସ ଲଗାଇ, ସକାଳେ ଧୁଅନ୍ତୁ । ପ୍ରତିଦିନ ଦୁଇଥର ମହୁ-ଲେମ୍ବୁ ମିଶ୍ରିତ ଜଳରେ ଦଶମିନିଟ ଯାଏ ହାତ ବୁଡ଼ାଇ ରଖନ୍ତୁ ।







# ଫଳ ଖାଉଥିଲେ ଧ୍ୟାନ ଦିଅନ୍ତୁ

ସୁସ୍ଥ ଶରୀର ପାଇଁ ଫଳକୁ ସବୁଠାରୁ ଭଲ ପୋଷଣ ଭାବରେ ନିଆଯାଇଥାଏ । ପ୍ରାୟତଃ ସମସ୍ତ ଫଳରେ ପ୍ରୋଟିନ ଭିଟାମିନ, ଆଣ୍ଟିଅକ୍ସିଡେଣ୍ଟ, ଫାଇବର ପରି ପୋଷାକ ତତ୍ତ୍ୱ ମିଳିଥାଏ । କିନ୍ତୁ ଅଧିକାଂଶ ଲୋକ ଠିକ୍ ଭାବରେ ଏହାକୁ ଖାଇ ନଥାନ୍ତି । ଅନେକ ଲୋକ ଖାଇସାରିବା ପରେ ମିଠା ଭାବରେ ଫଳ ଖାଇଥାନ୍ତି । ଏହା ଠିକ୍ ନୁହେଁ ଫଳକୁ ଠିକ୍ ସମୟରେ ନଖାଇଲେ ପାତନ ପ୍ରକ୍ରିୟାରେ ସମସ୍ୟା, ଏସିଡିଟି ଓ କୋଷ୍ଠକାଠିନ୍ୟ ପରି ସମସ୍ୟା ଦେଖାଦେଇଥାଏ ।



ସେଓ:- ମିନେରାଲ ଓ ଭିଟାମିନରେ ଭରପୂର ସେଓରେ ଫାଇବର ବହୁତ ମାତ୍ରାରେ ମିଳିଥାଏ ଏଥିରେ କୋଲେଷ୍ଟ୍ରୋଲ ନଥାଏ । ସେଓକୁ ଚୋପା ସହିତ ଖାଆନ୍ତୁ । ଏହାକୁ ସକାଳ ସମୟରେ ଖାଆନ୍ତୁ ଖାଲି ପେଟରେ ସେଓ ଖାଇଲେ ଶରୀରରେ ଟକ୍ସିକ୍ ସହଜରେ ବାହାରିଯିବ । ଏହା ଶକ୍ତି ମଧ୍ୟ ଯୋଗାଇଥାଏ ।

କମଳା:- ଏଥିରେ ଭିଟାମିନ ସି ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଏହା ବ୍ୟତୀତ ଭିଟାମିନ ଏ, ବି ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଏଥିରୁ କ୍ୟାଲସିୟମ, ଆୟୋଡିନ, ସୋଡ଼ିୟମ ପରି ତତ୍ତ୍ୱ ମିଳିଥାଏ । ଏହାକୁ ସକାଳେ ଓ ରାତିରେ ଖାଆନ୍ତୁ ନାହିଁ । ଦିନ ସମୟରେ ଖାଆନ୍ତୁ । ଧ୍ୟାନ ରଖନ୍ତୁ ସବୁବେଳେ ଖାଇବାର ୧ଘଣ୍ଟା ପୂର୍ବରୁ ବା ୧ଘଣ୍ଟା ପରେ କମଳା ଖାଆନ୍ତୁ ।

ଆମ୍ବ:- ଏଥିରେ ଭିଟାମିନ ବି, ଭିଟାମିନ୍ ଏ ଓ ଭିଟାମିନ ସି ମିଳିଥାଏ । ଆମ୍ବରେ ପୋଟାସିୟମ, ମ୍ୟାଗ୍ନେସିୟମ ଓ କପର ପରି ମିନେରାଲ ଖୁବ ପରିମାଣରେ ଥାଏ । ଆମ୍ବର ରସ ଗରମ ହୋଇଥାଏ, ତେଣୁ ଆମ୍ବ ସହିତ କ୍ଷୀର ପିଅନ୍ତୁ ନାହିଁ ।

ନଡ଼ିଆ:- ନଡ଼ିଆରେ ଭିଟାମିନ, ପୋଟାସିୟମ, ଫାଇବର, କ୍ୟାଲସିୟମ, ମ୍ୟାଗ୍ନେସିୟମ ଆଦି ଅଧିକ ପରିମାଣରେ ମିଳିଥାଏ । ଏଥିରେ କୋଲେଷ୍ଟ୍ରୋଲ ନଥାଏ ନଡ଼ିଆ ପାଣିକୁ ଖାଲି ପେଟରେ ପିଇବେ ନାହିଁ ।



# ବତକ ଅଭୟାରଣ୍ୟର ଏକଲା ବତକ

ନିଉଜଲାଣ୍ଡରଠାରୁ ପ୍ରାୟ ଚବିଶ ଶହ କିଲୋମିଟର ଦୂରରେ ସବୁଦ୍ର ଭିତରେ ଥିବା ଏକ ଛୋଟିଆ ଦ୍ୱୀପ ହେଉଛି ନିଉଇ । ଦ୍ୱୀପର ଜନସଂଖ୍ୟା ଷୋହଳ ଶହ । ବର୍ଷ ତମାମ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ । ଦ୍ୱୀପର ଏକ ଅଂଶରେ ଏକ ବୋର୍ଡ ଦେଖାଯାଏ, ଯେଉଁଥିରେ ଲେଖାଯାଇଛି 'ନିଉଇ ବତକ ଅଭୟାରଣ୍ୟ' । ତେଣୁ, ଯିଏ ପଢ଼ିବେ ଆପାତତଃ ଧରିନେବେ, ଦ୍ୱୀପରେ ବହୁ ସଂଖ୍ୟାରେ ବତକ ଥିବେ । କିନ୍ତୁ, ପ୍ରକୃତରେ ନିଉଇ କେବେ ବତକଙ୍କ ବାସସ୍ଥାନ ନ ଥିଲା । ଗତ ବର୍ଷ କେଉଁ ଆଡୁ ବତକଟିଏ ସେଠାରେ ଆସି ପହଞ୍ଚିଥିଲା । କେଉଁଠୁ, କିପରି ଆସିଥିଲା, ରହସ୍ୟମୟ ହୋଇରହିଛି । କାରଣ, ବତକ ବାସ କରୁଥିବା ନିକଟବର୍ତ୍ତୀ ଅନ୍ୟ ସ୍ଥାନ ଛଅ ଶହ କିଲୋମିଟର ଦୂରରେ ଅବସ୍ଥିତ । ବତକ ଉଡ଼ିପାରେ ନାହିଁ । ସମୁଦ୍ରରେ ଭାସିଭାସି ଏତେ ବାଟ କେମିତି ଆସିଥିଲା, କେହି ଜାଣନ୍ତିନାହିଁ । ବତକଙ୍କ ପାଇଁ ନା ସେଠାରେ ଅଛି ନାଳ ନାଗଡ଼ିଆ । ସ୍ଥାନୀୟ ଲୋକେ ଏକ ସ୍ଥାନରେ ଗାତ ଖୋଳି ପାଣି ଭର୍ତ୍ତି କରିଦେଇଥିଲେ । ଏକଲା ବତକଟିକୁ ଶ୍ରଦ୍ଧାରେ 'ଟ୍ରେଭର' ଭାବେ ନାମିତ କରିଥିଲେ । ଗାତ ପାଖରେ ବତକ ଘୂରିବୁଲୁଥିଲା । ଲୋକେ ସେଠାରେ ବୋର୍ଡଟି ପୋତିଦେଇଥିଲେ । ସ୍ଥାନୀୟ ଏକ ଗଞ୍ଜା ଏବଂ ଏକ କୁକୁଡ଼ା ସହ ଟ୍ରେଭରର ବନ୍ଧୁତା ହୋଇଥିଲା । ଲୋକେ ଆଦରରେ ଖାଦ୍ୟ ଦେଉଥିଲେ । ତେବେ, କିଛି ମାସ ତଳେ ସ୍ଥାନୀୟ ବୁଲା କୁକୁରଙ୍କ ଆକ୍ରମଣରେ ବତକର ଜୀବନ ଯାଇଥିବାର ପ୍ରକାଶ ।



# ବର୍ଷା ଦିନିଆ ଟିପ୍ସ୍

ବର୍ଷାଦିନରେ ଅନ୍ୟଦିନ ଅପେକ୍ଷା ସତର୍କ ରହିବାକୁ ପଡ଼େ । ନଚେତ ଦେହ ଖରାପ ହେବାର ସମ୍ଭାବନା ଅଧିକ ରହେ । ଯୁବତୀ ଓ ମହିଳାମାନେ ନିଜ ବ୍ୟାଗରେ ସବୁବେଳେ ହେୟାର ଡାୟାର ରଖିବା ଉଚିତ । କେଶ ଓଦା ହେବା ମାତ୍ରେ ଏହା ଦ୍ୱାରା ଶୁଖାଇନେବା ଭଲ । ସର୍ଦ୍ଦି, ଥଣ୍ଡାରୁ ରକ୍ଷା ପାଇବା ପାଇଁ ହେୟାର ଡ୍ରାୟର ନିଜ ପାଖରେ ରଖନ୍ତୁ ।





- ■ ଏହି ଋତୁରେ ୱାଟରପ୍ରୁଫ୍ ବ୍ୟାଗ ବ୍ୟବହାର କରିବା ଭଲ। କାରଣ ଏହା ଦ୍ୱାରା ଆପଣଙ୍କ ବ୍ୟାଗ ଭିତରେ ଜିନିଷଗୁଡ଼ିକ ସୁରକ୍ଷିତ ରହିବ ।
- ■ ଛତା ଓ ରେନ କୋଟ ସବୁବେଳେ ନିଜ ପାଖରେ ରଖନ୍ତୁ । ଏହା ସହ ନିଜ ବ୍ୟାଗରେ ଟିସୁ ପେପର ମଧ୍ୟ ରଖିବା ଭଲ ।
- ■ ବର୍ଷାଦିନରେ ଜୋତା ମଧ୍ୟ ସେହିଭଳି ପିନ୍ଧନ୍ତୁ । ଦାମୀ ଚମଡ଼ା ଜୋତା ନ ପିନ୍ଧିବା ଉଚିତ ।
- ■ ମୋବାଇଲ ଫୋନକୁ ସୁରକ୍ଷିତ ରଖିବା ନିମନ୍ତେ ସବୁବେଳେ ପ୍ଲାଷ୍ଟିକ୍ ପାଉଚ ବ୍ୟବହାର କରନ୍ତୁ ।
- ■ ବର୍ଷାଦିନେ ବାହାର ଖାଦ୍ୟ ଖାଇବା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରନ୍ତୁ ।
- ■ ବର୍ଷାଦିନେ ନାଇଲନ ଓ ସିନ୍ଥେଟିକ କପଡ଼ାର ପୋଷାକ ପରିଧାନ କରନ୍ତୁ । କାରଣ ଏହା ଓଦା ହେଲେ ଶୀଘ୍ର ଶୁଖିଥାଏ ।
- ■ ସନ୍ଧ୍ୟା ପରେ ଯେଉଁଆଡ଼କୁ ଯିବାର ଥିଲେ, ସାଥିରେ ଟର୍ଚ୍ଚ ନିଅନ୍ତୁ । କାରଣ ବର୍ଷାଦିନେ ବିଜୁଳି ଚାଲିଯିବା ଏକ ସାଧାରଣ କଥା ।

## ସମୁଦ୍ର ଜଳ ଦ୍ୱାରା ରୋଗ

ସମୁଦ୍ରରେ ସ୍ନାନ ଯୋଗୁଁ ସ୍କିନ ମାଇକ୍ରୋବାୟୋମରେ ବଦଳିଯାଏ । ଏହା ଦ୍ୱାରା କାନ ଓ ସ୍କିନରେ ସଂକ୍ରମଣର ବିପଦ ବଢ଼ିଯାଏ । କାଲିଫର୍ଣ୍ଣିଆ ବିଶ୍ୱ ବିଦ୍ୟାଳୟର ଛାତ୍ରୀଙ୍କ ଅନୁସାରେ ସମୁଦ୍ର ପାଣିର ସମ୍ପର୍କରେ ଆସିଲେ ମାନବ ସ୍କିନରେ ବିବିଧତା ଓ ସଂରଚନାରେ ଅନେକ ପରିବର୍ତ୍ତନ ଆସିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳୀର କାର୍ଯ୍ୟ, ପ୍ରଣାଳୀଗତ ରୋଗରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଗବେଷଣାକାରୀମାନେ ପରୀକ୍ଷା କରି ଜାଣିଛନ୍ତି ଯେ ସମୁଦ୍ର ପାଣିର ସଂସ୍ପର୍ଶରେ ଆସିଲେ ଗ୍ୟାଷ୍ଟ୍ରୋଣ୍ଟେଷ୍ଟାଇନ ବା ଶ୍ୱାସ ସମ୍ବନ୍ଧୀୟ ରୋଗ, କାନରେ ଓ ସ୍କିନରେ ସଂକ୍ରମଣ ହୋଇପାରେ । ପାଣିରେ ରହୁଥିବା ଏହି ଜୀବାଣୁ ବହୁ ମାତ୍ରାରେ ଆମ ଆଖପାଖରେ ରହନ୍ତି । ଏହି ଛୋଟ ଛୋଟ ଜୀବମାନଙ୍କ ଯୋଗୁ ଆମ ଶରୀରର ଅଙ୍ଗମାନଙ୍କରେ ଭଲ ଓ ଖରାପ ପ୍ରଭାବ ପଡ଼ିଥାଏ। ପ୍ରଦୂଷଣର ଖରାପ ପ୍ରଭାବ ଦ୍ୱାରା ପ୍ରଭାବିତ ମାଇକ୍ରୋବାୟୋମ ଆମର ଶରୀରରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ।

# ଫ୍ଲାଟଜୋତା ପସନ୍ଦ କରିପାରନ୍ତି

କର୍ମସ୍ଥଳ କିମ୍ବା ବଜାର ଯାଉଥିଲେ, ଯୁବତୀ ଓ ମହିଳାମାନେ ଫ୍ଲାଟଜୋତା ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି। ବିଭିନ୍ନ ଡିଜାଇନରେ ଆସୁଥିବା ଏହି ଫ୍ଲାଟଜୋତା ପିନ୍ଧିବା ପ୍ରକୃତରେ ଶରୀର ପାଇଁ ଭଲ କାରଣ ଏହା ପିନ୍ଧିଲେ ଗୋଡ଼ ଓ ପାଦରେ ଯନ୍ତ୍ରଣା ହୋଇ ନଥାଏ । ଏପରିକି ଶୀଘ୍ର ଚାଲିବା ନିମନ୍ତେ ଫ୍ଲାଟଜୋତା ସହାୟକ ହୋଇଥାଏ । ଭାରତୀୟ ବଜାରରେ ସବୁଠୁ ଅଧିକ ବ୍ୟାଲେଟ ଫ୍ଲାଟ୍, ସ୍ନିକର ଫ୍ଲାଟ୍, ୱାକ ଫ୍ଲଟ୍, ଲୋଫର ଓ ସ୍ୟାଣ୍ଡେଲର ଲୋକପ୍ରିୟତା ରହିଛି । ଏଇ ସବୁ ଫ୍ଲାଟ୍ ଜୋତା ବିଦେଶୀ ପରିଧାନ ଓ ସାଲୱାର ଜମିଜ ସହ ପିନ୍ଧାଯାଇ ପାରିବ । ତେବେ ଶାଢ଼ି ସହ କେବଳ ଏଥନିକ ଫ୍ଲାଟଜୋତା ଭଲଭାବରେ ଖାପ ଖାଇଥାଏ। କଲେଜ ପଢୁଆ ଯୁବତୀଙ୍କ ମଧ୍ୟରେ ଲୋଫର ଫ୍ଲାଟ୍ ସବୁଠୁ ଅଧିକ ଲୋକପ୍ରିୟ । ଏହି ଧରଣର ଫ୍ଲାଟ ଜୋତାର ମୂଲ୍ୟ ୭ଶହ ଟଙ୍କାରୁ ଆରମ୍ଭ ହୋଇ ୩ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ସମସ୍ତ ଅନଲାଇନ ଦେକାନରେ ଯୁବତୀ ଓ ମହିଳାଙ୍କ ପାଇଁ ଏହି ଫ୍ଲାଟ ଜୋତା ଉପଲବ୍ଧ ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କ୍ଷୋଭ...

ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଏମ ଭେଙ୍କିୟା ନାଇଡୁ ରାଜ୍ୟସଭାରେ କେତେକ ବିରୋଧୀ ସଦସ୍ୟଙ୍କ ଆଚରଣକୁ ନେଇ ଗଭୀର କ୍ଷୋଭ ପ୍ରକଟ କରିଛନ୍ତି ଏବଂ ଗଣତନ୍ତ୍ରର ପବିତ୍ର ମନ୍ଦିରରେ ଘଟିଥିବା ଏଭଳି ଘଟଣା ତାଙ୍କୁ ଏତେ ମାତ୍ରାରେ ବିଚଳିତ କରିଛି ଯେ ସେ ସେହି କଥା ଚିନ୍ତାକରି ଶୋଇ ପାରିନାହାନ୍ତି ବୋଲି ଦୁଃଖର ସହ ବୁଧବାର ଦିନ ଗୃହରେ କହିଛନ୍ତି । ଗୃହର ଅଧ୍ୟକ୍ଷଙ୍କ ଏଭଳି କ୍ଷୋଭ ଯଥେଷ୍ଟ ମହତ୍ତ୍ୱ ବହନ କରେ । ଇତି ମଧ୍ୟରେ ଲୋକସଭାକୁ ମଧ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ମୁଲତବୀ ଘୋଷଣା କରାଯାଇଛି । ଏହାର କାରଣ, ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଦିନ ପରେ ଦିନ ଜାରି ରହିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବା ଏବଂ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରାଯିବା ଏକ ନିୟମିତ ଧାରାରେ ପରିଣତ ହୋଇଥିଲା । ତେଣୁ ଗୃହକୁ ନିର୍ଦ୍ଧାରିତ ସମୟ ଆଗରୁ ମୁଲତବୀ ଘୋଷଣା କରାଯାଇଛି । ଏଥିପାଇଁ ସରକାର ବିରୋଧୀ ଦଳଙ୍କ ବିଶୃଙ୍ଖଳିତ ଆଚରଣକୁ ଦାୟୀ କରୁଥିବାବେଳେ ବିରୋଧୀ ଦଳମାନେ ସରକାରଙ୍କ ଉପରେ ଦୋଷ ଲଦିବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି । ସମଗ୍ର ପ୍ରକ୍ରିୟାଟି ଯେ ଚିନ୍ତାଜନକ ତାହା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ସଚେତନ ଥିବା ଯେକୌଣସି ବ୍ୟକ୍ତି ସହଜରେ ଅନୁମାନ କରିପାରିବ । ପ୍ରଥମେ ରାଜ୍ୟସଭା ଅଧ୍ୟକ୍ଷ ଶ୍ରୀ ଭେଙ୍କିୟା ନାଇଡୁଙ୍କ କ୍ଷୋଭ ପ୍ରକଟ ପ୍ରସଙ୍ଗକୁ ଆସିବା । ଗତ ମଙ୍ଗଳବାର ଦିନ କେତେକ ବିରୋଧୀ ସଦସ୍ୟ ଗୃହକାର୍ଯ୍ୟ ଚାଲିଥିବାବେଳେ ଟେବୁଲ ଉପରେ ବସିବା ଏବଂ ତାହା ଉପରେ ଠିଆ ହୋଇ ଉଚ୍ଚସ୍ୱରରେ ହଟ୍ଟଗୋଳ କରିବାର ଦେଖା ଯାଇଥିଲା । ଏହା ଗୃହର ଗରିମାକୁ କ୍ଷୁର୍ଣ୍ଣ କରିବା ସ୍ୱାଭାବିକ । ଯେତେବେଳେ କୃଷି ଆଇନ ସଂପର୍କରେ ଗୃହରେ ଆଲୋଚନ ପାଇଁ ପ୍ରସଙ୍ଗ ତାଲିକାଭୁକ୍ତ ହୋଇସାରିଛି ତାହାକୁ ନେଇ ବିରୋଧୀ ସଦସ୍ୟମାନଙ୍କ ବିଶୃଙ୍ଖଳା ପ୍ରଦର୍ଶନ କଦାପି ଗ୍ରହଣଯୋଗ୍ୟ ନୁହେଁ । ଚଳିତ ମୌସୁମୀ ଅଧିବେଶନ କାଳରେ ପେଗାସସ୍ ସ୍ନୁପିଂ, ତିନୋଟି କୃଷି ଆଇନର ଉଚ୍ଛେଦ ଏବଂ ଅନ୍ୟାନ୍ୟ କେତେକ ପ୍ରସଙ୍ଗକୁ ନେଇ ସଂସଦର ଉଭୟ ଗୃହ କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ବାଧାପ୍ରାପ୍ତ ହେବା ଯେତିକି ଦୁର୍ଭାଗ୍ୟଜନକ ସେତିକି ଚିନ୍ତା ଉଦ୍ରେକକାରୀ । କାରଣ, ଯଦି ଗତ କିଛି ବର୍ଷର ଦେଶର ସଂସଦୀୟ କାର୍ଯ୍ୟ, ତାହା ଲୋକସଭା ଅବା ରାଜ୍ୟସଭା କାର୍ଯ୍ୟ ହୋଇଥାଉ କିମ୍ବା ବିଧାନସଭା କାର୍ଯ୍ୟ ହୋଇଥାଉ, ବିରୋଧାଭାଷ ପ୍ରଦର୍ଶନ, ହଟ୍ଟଗୋଳ, ଗୃହର ମଧ୍ୟଭାଗରେ ସ୍ଲୋଗାନବାଜି, ଟେବୁଲ ବାଡ଼ିଆ, କାଗଜପତ୍ର ଫିଙ୍ଗା, ଗୃହର ଅଧ୍ୟକ୍ଷଙ୍କ ଟେବୁଲ ଆଡ଼କୁ ଧସେଇ ପଶିବା ଆଦି ଘଟଣା ଘଟୁଥିବା ଲକ୍ଷ୍ୟ କରାଯାଇଛି । ସଂସଦଦ ହେଉ ଅବା ବିଧାନସଭା, ତାହା ହେଉଛି ଦେଶ ଓ ଦେଶବାସୀଙ୍କ ସମସ୍ୟା ସଂପର୍କୀୟ ପ୍ରସଙ୍ଗ ଆଲୋଚନା ଏବଂ ଏହାର ନିରାକରଣ ଜନିତ କାର୍ଯ୍ୟାନୁଷ୍ଠାନ ଏବଂ ଆଇନ ପ୍ରଣୟନକାରୀ ବ୍ୟବସ୍ଥା । ଏଥିପାଇଁ ସରକାରୀ ତହବିଲରୁ ଦୈନିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥାଏ । କାରଣ ତାହା ଦେଶର ହିତ ପାଇଁ ଉଦ୍ଦିଷ୍ଟ । ତେଣୁ ସଂସଦୀୟ କାର୍ଯ୍ୟ ବାଧାପ୍ରାପ୍ତ ହେବା କିମ୍ବା ଏହାର ମାର୍ଯ୍ୟାଦା କ୍ଷୁର୍ଣ୍ଣକୁ କଦାପି ସାମୁଲି ଘଟଣା ଭାବେ ବିବେଚନା କରାଯାଇ ପାରିବ ନାହିଁ । ପ୍ରତିଥର ସଂସଦ ଅଧିବେସନ ପୂର୍ବରୁ ସରକାର, ବାଚସ୍ପତି ଓ ଅଧ୍ୟକ୍ଷ ଗୃହକାର୍ଯ୍ୟର ସୁପରିଚାଳନା ସକାଶେ ସବୁଦଳ ସଦସ୍ୟଙ୍କ ସହଯୋଗ କାମନା କରିଥାନ୍ତି । କିନ୍ତୁ ତାହା ଯେପରି ନିଷ୍ଫଳ ଓ ନିରର୍ଥକ ସାବ୍ୟସ୍ତ ହେବାରେ ଲାଗିଛି ! ସରକାରୀ ଦଳ ହୁଅନ୍ତୁ ଅବା ବିରୋଧୀ ଦଳ ସେମାନେ ସଭିଏଁ ଜନପ୍ରତିନିଧି ଏବଂ ଜନସାଧାରଣଙ୍କ ସମସ୍ୟାର ଅପନୋଦନ ହେଉଛି ସେମାନଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ତେଣୁ ସେମାନଙ୍କ ମଧ୍ୟରେ ଆବଶ୍ୟକ ସମନ୍ୱୟ ରକ୍ଷା ଏକାନ୍ତ ଜରୁରି । ପୂର୍ବରୁ ଯଦି ତାହା ସୁଚାରୁରୂପେ ସଂପାଦନ କରାଯାଇପାରୁଥିଲା ତେବେ ଏଥିରେ ଅବକ୍ଷୟ ଘଟିଲା କାହିଁକି ? ଉଭୟ ପକ୍ଷ ପରସ୍ପରର ଭାବନାକୁ ବୁଝିବା ଓ ସହମତରେ ପହଞ୍ଚିପାରିଲେ ହୁଏତ ଏଭଳି ଅଶୋଭନୀୟ ଘଟଣା ଘଟିବନାହିଁ କିମ୍ବା ଅଧ୍ୟକ୍ଷଙ୍କୁ ଶୋକାକୁ କଣ୍ଠରେ ଏଭଳି ଭାବାବେଗ ପ୍ରକଟ କରିବାକୁ ପଡ଼ିବ ନାହିଁ । ଏଥିରେ ଗଣତନ୍ତ୍ର, ଦେଶ ଓ ଦେଶବାସୀ ସମସ୍ତଙ୍କର ମଙ୍ଗଳ । ସଂସଦୀୟ ଗାରିମା କ୍ଷୁର୍ଣ୍ଣ ଗଣତନ୍ତ୍ର ପାଇଁ କଦାପି ଶୁଭଙ୍କର ନୁହେଁ । ଏହା କେବଳ ଭାରତ ପାଇଁ ନୁହେଁ, ବିଶ୍ୱର ଯେକୌଣସି ଗଣତନ୍ତ୍ର ପାଇଁ ଲଜ୍ଜାଜନକ ଘଟଣା । ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ବୋଲି ନିଜକୁ ଦାବି କରୁଥିବାବେଳେ ଏଭଳି ପରମ୍ପରା ବିଶ୍ୱ ପାଇଁ ଓ ଦେଶର ଭବିଷ୍ୟତ ପିଢ଼ି ପାଇଁ ଏକ କଳା ଦାଗ ଛାଡ଼ିବା ସଦ୍ୟଶ ହେବ । ତେଣୁ ସଂସଦର ସୁପରିଚାଳନା ନିମନ୍ତେ ସରକାର ଓ ବିରୋଧୀ ଦଳଙ୍କ ଭିତରେ ଉପଯୁକ୍ତ ସମନ୍ୱୟ ଓ ସହମତ ସୃଷ୍ଟି ହେବା ଜରୁରି ମନେହୁଏ । ତାହା ଯେତେ ଶୀଘ୍ର ହେବ ସେତେ ଉତ୍ତମ ।

# ପ୍ରକୃତରେ ଆମେ କେତେ ସ୍ୱାଧୀନ ?



ଡ.ଦୀପ୍ତିମୟୀ ବେହେରା
କୋଏଲ ନଗର, ରାଉରକେଲା

'ମାଉସୀ ଲୋ ! ବସିବାକୁ ଟିକେ ପିଣ୍ଡା ଦେ, ଘରେ ଶୋଇବାକୁ ଟିକେ ଜାଗା ଦେ' ଭଳି ଇଂରେଜମାନେ ପ୍ରଥମେ ବାଣିଜ୍ୟ କରିବାକୁ ଆସି ଧୀରେଧୀରେ ଗୋଟେ ପରେ ଗୋଟେ ରାଜ୍ୟ ନିଜ ଅକ୍ତିଆରକୁ ନେଇ ସର୍ବଶେଷରେ ସମଗ୍ର ଭାରତବର୍ଷକୁ ଶାସନ କରିବାକୁ ଯୋଗ୍ୟ ବିବେଚିତ ହୋଇଗଲେ।ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ- ଏସବୁ କାହା ପାଇଁ ହେଲା ? କାହିଁକି ହେଲା ? କିପରି ହେଲା ? ଏସବୁ ପ୍ରଶ୍ନ ହୃଦୟକୁ ବ୍ୟଥିତ କଲାବେଳେ ପୁଣି ଉତ୍ତର ଆସିଯାଏ ଅତି ସହଜରେ। କାରଣ ଦେଶବାସୀଙ୍କ ମଧ୍ୟରେ ରହିଥିଲା ଏକତାର ଅଭାବ, ଅଧିକାଂଶ ବ୍ୟକ୍ତିଙ୍କ ବଡ଼ଲୋକି ବା ସାହେବ ହେବାର ନିଶା, ପୁଣି କେହିକେହି ନିଜକୁ ସମର୍ପି ଦେଲେ ଇଂରେଜମାନଙ୍କ ପାଖରେ । ରହିଗଲେ ସେମାନଙ୍କ ଛତ୍ରଛାୟାତଳେ । ସେଥିପାଇଁ ଇଂରେଜମାନଙ୍କ ଚେର ମଜବୁତ ହୋଇଗଲା ଭାରତ ମାଟିରେ । ପୂରା ଆସ୍ଥାନ ଜମାଇ ଶାସନ କରିବାକୁ ଲାଗିଲେ ଭାରତୀୟମାନଙ୍କୁ । ଶହଶହ ବର୍ଷର ବ୍ୟବଧାନ ପରେ ଯେତେବେଳେ ସାଧାରଣ ଜନତା ବ୍ରିଟିଶ ଶାସନରେ ଅତିଷ୍ଠ ହୋଇ ଉନବିଂଶ ଶତାବ୍ଦୀ ବେଳକୁ ତ୍ରାହିତ୍ରାହି ଡାକିବା ଆରମ୍ଭ କଲେ ସେତେବେଳକୁ ଅବଶ୍ୟ କେତେକ ଶିକ୍ଷିତ ବ୍ୟକ୍ତି ଦେଶପ୍ରେମୀ ସାଜି ଜୀବନକୁ ଉତ୍ସର୍ଗ କରିଦେବା ପାଇଁ ହୋଇଗଲେ ବଦ୍ଧପରିକର ।

ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ମଙ୍ଗଳ ପାଣ୍ଡେ ଇଂରେଜମାନଙ୍କ ବିରୁଦ୍ଧରେ ବିପ୍ଳବର ମଞ୍ଜି ବୁଣି ଦେଶବାସୀଙ୍କୁ ଆହ୍ୱାନ କରିଥିଲେ ଏଥିରେ ସାମିଲ ହେବାପାଇଁ । ଝାନସି ରାଣୀ, ଲକ୍ଷ୍ମୀ ବାଈ, ତାନ୍ତିଆ ଟୋପେ ପ୍ରମୁଖ ଆଗେଇ ନେଇଥିଲେ ସେହି ବିପ୍ଳବକୁ । ଖୁଦିରାମ, ଭଗତ ସିଂହ, ଲକ୍ଷ୍ମଣ ନାଏକ ଆଦି ସ୍ୱାଧୀନତା ସଂଗ୍ରାମୀମାନେ ହସିହସି ଝୁଲି ପଡ଼ିଥିଲେ ଫାଶୀ ଖୁଣ୍ଟରେ । ଲାଲ-ବାଲ-ପାଲଙ୍କ 'ବନ୍ଦେ ମାତରଂ' ସ୍ଲୋଗାନ ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଇଂରେଜ ସରକାରଙ୍କ ଶାସନ ଗାଦିକୁ କରି ଦେଇଥିଲା ଟଳମଟଳ । ସଂଗ୍ରାମୀ ନେତା ସୁଭାଷ ଚନ୍ଦ୍ର ବୋଷଙ୍କ ହୃଦୟଥରା ବାଣୀ- 'ମତେ ରକ୍ତ ଦିଅ ମୁଁ ତମକୁ ସ୍ୱାଧୀନତା ଦେବି' । ବାସ, ଏତିକିରେ ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ ଧାଇଁ ଆସିଥିଲେ ମାତୃଭୂମିକୁ ରକ୍ଷା କରିବା ପାଇଁ ।

ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯଦି ମହାତ୍ମା ଗାନ୍ଧୀ ଦେବଦୂତ ସାଜି ଅହିଂସା ନୀତିକୁ ଆପଣେଇ ସ୍ୱାଧୀନତା ଆନ୍ଦୋଳନ କରିବା ପାଇଁ ଜନସଚେତନତା ସୃଷ୍ଟି କରିନଥାନ୍ତେ ହୁଏତ ଅଦ୍ୟାବଧି ଆମେ ପରାଧୀନତାର ଶିକୁଳି ମଧ୍ୟରେ ବାନ୍ଧି ରହିଥାନ୍ତୁ ପଛକେ ସ୍ୱାଧୀନତାର ଆଲୋକ ଦେଖିପାରିନଥାନ୍ତୁ । ଏକଥା କହିବାର ତାତ୍ପର୍ଯ୍ୟ ହେଉଛି - ସାମ୍ପ୍ରତିକ ସମୟରେ ସିନା ଇଂରେଜ ଶାସନ ନାହିଁ କିନ୍ତୁ ନିଜନିଜ ମଧ୍ୟରେ ଯେଉଁଭଳି ଭାବେ ଅରାଜକତା, ଅମାନୁଷିକ ଅତ୍ୟାଚାର, ନକ୍ସଲବାଦୀଙ୍କ ନାରକୀୟ କାଣ୍ଡ, ଗୁଣ୍ଡାଗର୍ଦ୍ଦି, ବର୍ବରତା ଚାଲିଛି ସେଥିରେ ସଂସାରଟା ହୋଇଗଲାଣି ସମ୍ପୂର୍ଣ୍ଣ ଯୁଦ୍ଧକ୍ଷେତ୍ର । ସର୍ବତ୍ର ଲାଗିରହିଛି ଅଶାନ୍ତି, ଅସନ୍ତୋଷ, ପରଶ୍ରୀକାତରତା । ଏପରି ଅଶାନ୍ତ ବାତାବରଣ ମଧ୍ୟରେ ବଞ୍ଚିବା ବଡ଼ କଷ୍ଟକର ବ୍ୟାପାର । ସତ୍ୟ ଆଜି ଶ୍ୱାସରୁଦ୍ଧ । ମିଥ୍ୟାର ମହାଡମ୍ବରରେ ଉନ୍ମୁକ୍ତ ମନୁଷ୍ୟ ।

କେବଳ ସ୍ୱାଧୀନତା ଦିବସ ପାଳନ ଅବସରରେ ଭାବୁଛୁ ଆମେ ସ୍ୱାଧୀନ ଓ ସ୍ୱାଧୀନତା ହେଉଛି ଆମ ଜନ୍ମଗତ ଅଧିକାର । ସ୍ୱାଧୀନ ଭାରତବର୍ଷକୁ ପାଇବାକୁ ଯାଇ କେତେ ଯେ ଯୋଦ୍ଧା ଆତ୍ମୋତ୍ସର୍ଗ କରିଛନ୍ତି ତାହାର ହିସାବ ନାହିଁ । ମାତୃଭୂମିକୁ ବିଦେଶୀ ଶାସନରୁ ମୁକ୍ତ କରିବା ଥିଲା ଏକମାତ୍ର ଉଦ୍ଦେଶ୍ୟ । ଯାହାକି ଇତିହାସ ହିଁ ମୂକସାକ୍ଷୀ । ଶହଶହ ବର୍ଷର ପରାଧୀନତାର ଅନ୍ତଃଘଟାଇ ଦେଶ ସ୍ୱାଧୀନତାର ସ୍ୱାଦ ଚାଖିଥିଲା ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ । ମାତୃଭୂମିର ମୁକ୍ତି ପରେ ଦେଶବାସୀଙ୍କ ନୟନରୁ ଝରିପଡିଥିଲା ଆନନ୍ଦାଶ୍ରୁ । କି ଖୁସି କି ଆନନ୍ଦ । ସତେ କି ବିଜୁଳିର ଆଲୋକ ପରି ଖେଳି ଯାଇଥିଲା ସମଗ୍ର ବିଶ୍ୱରେ ଚମକ । ଆଜକୁ ସ୍ୱାଧୀନ ଭାରତବର୍ଷର ବୟସ ମାତ୍ର ୭୫ ବର୍ଷ । ଗୁରୁଣ୍ଡିବା ଛାଡ଼ି ସଳଖି ହୋଇ ଛିଡ଼ା ହେବାର ଶିଖୁଛି । ଆଶା, ଆକାଂକ୍ଷା ଓ ସମ୍ଭାବନାକୁ ପୁଞ୍ଜିକରି ଗନ୍ତବ୍ୟ ପଥରେ ଅଗ୍ରସର ହେବା ପାଇଁ ସାହସ ବାନ୍ଧୁଛି । ଝୁଣ୍ଟିପଡ଼ି ଉଠିବାକୁ ପଣ କରିଛି । ସୁଖଦୁଃଖ, ଆନନ୍ଦ, ଉଲ୍ଲାସ ଓ ଆତ୍ମ ବିଶ୍ୱାସରେ ପ୍ରତିଟି ହୃଦୟ ଜିଣି ସମୃଦ୍ଧଦେଶ ଭାବେ ବିଶ୍ୱ ଦରବାରରେ ପରିଗଣିତ ହେଉଛି । ମାତ୍ର ଦୁର୍ଭାଗ୍ୟର ବିଷୟ, ଆମେ ହତଭାଗ୍ୟ ସନ୍ତାନ ଜାତିରପିତା ମହାତ୍ମାଗାନ୍ଧୀଙ୍କୁ ପାଇଲୁ ସତ; ହେଲେ ତାଙ୍କର ନୀତି, ଆଦର୍ଶ ଓ ମୂଲ୍ୟବୋଧକୁ ନେଇ ଉଚିତ କର୍ତ୍ତବ୍ୟ ସମ୍ପାଦନା କରିବା ପରିବର୍ତ୍ତେ ହୋଇଗଲୁ ହିଂସାବାଦ, ସ୍ୱାର୍ଥ ଓ ଲୋଭମୋହରେ ଉବୁଟୁବୁ ବୁଦ୍ଧି ବିବେକଭ୍ରଷ୍ଟ ମନୁଷ୍ୟ । କହିପାରିବାକି କି ଆମେ ମୁକ୍ତ ଆକାଶର ବିହଙ୍ଗ ବୋଲି । ନା, ଘରୁ ଗୋଡ଼ କାଢ଼ିଲେ ଜୀବନକୁ ଭୟ । ମନୁଷ୍ୟ ଆଜି ହିଂସ୍ରମୁଖା । ଶାସନ ବ୍ୟବସ୍ଥା ଅତି ଦୁର୍ବଳ । ଯାହାକି ନିଷ୍ପ୍ରଭ ହେଲାଣି ସ୍ୱାଧୀନତା । ସେଥିପାଇଁ ଭାବିବାକୁ ପଡୁଛି ପ୍ରକୃତରେ ଆମେ କେତେ ସ୍ୱାଧୀନ ?

ଦେଖାଯାଉଛି କ୍ଷମତାଲିପସୁ ରାଜନୀତିଜ୍ଞମାନେ ସ୍ୱାର୍ଥାନ୍ଧର ବଶବର୍ତ୍ତୀ ହୋଇ ନିଜ ସିଂହାସନକୁ ଜାବୁଡି ଧରିବାରେ ବେଶ ବ୍ୟସ୍ତ ଓ ଧୁରନ୍ଧର । ସୁଶାସନ ପାଇଁ ନା ଉଚିତ ମାର୍ଗଦର୍ଶନ ଅଛି ନା ଗାନ୍ଧିବାଦୀ ଆଦର୍ଶ ଓ ମୂଲ୍ୟବୋଧକୁ ଉପଯୁକ୍ତ ସମ୍ମାନ ଦେଇ ଦେଶ କଲ୍ୟାଣନିମିତ୍ତ କର୍ତ୍ତବ୍ୟ ସମ୍ପାଦନା କରୁଛନ୍ତି ବରଂ ସମୂହ ବିକାଶ ପରିବର୍ତ୍ତେ ସଂକୀର୍ଣ୍ଣ ମନୋଭାବ ନେଇ ନିଜସ୍ୱ ବିକାଶ ସାଧନ ଦିଗରେ ବ୍ରତୀ ରହୁଛନ୍ତି । ବିକାଶ ନାଁ ରେ ଚାଲିଛି ବିନାଶ । ଧୋବଧାଉଳିଆ ବେଶ ଓ ଚହଟ ଚିକ୍କଣ ବକ୍ତବ୍ୟ ଭିତରେ ଭରିଭରି ରହିଛି କପଟ, ଶୋଷକ ଓ ସଇତାନି ପ୍ରବୃତ୍ତି ।

ପବିତ୍ର ଦିବସମାନଙ୍କରେ ଅତୀତର ସ୍ମୃତିଚାରଣ କରି ଇତିହାସକୁ ବଖାଣିଥାନ୍ତି ସତ; ନିଜ ଇତିହାସ ରଚିତ ହେଲାଭଳି କରନ୍ତି ନାହିଁ କାର୍ଯ୍ୟ । ସେଥିପାଇଁ ନା ବୁଝିପାରନ୍ତି ଦଳିତ ଅବହେଳିତ ନିଷ୍ପେସିତ ମନୁଷ୍ୟର ଲୁହଲହୁକୁ ନା ଧର୍ଷିତା ନାରୀର ଅକୁହା ବେଦନାକୁ । ସାମ୍ପ୍ରତିକ ସମୟ କହୁଛି ଯିଏ ଯେମିତି ଉପାୟରେ ଯାହାକୁ ମାରୁଛି ବା ନିର୍ଯ୍ୟାତନା ଦେଉଛି ତାକୁ ଠିକ ସେହିଭଳି ସେମିତି ଉପାୟରେ ମରାଯାଉ ବା ନିର୍ଯ୍ୟାତନା ଦିଆଯାଉ ତା'ହେଲେ ଲୋକଙ୍କ ଡରଭୟ ରୁହନ୍ତା ଏବଂ କିଛି ଅଘଟଣ କରିବା ପୂର୍ବରୁ ମନୁଷ୍ୟ ଶହେ ଥର ଭାବନ୍ତା । ସେମିତି କିଛି ଆଖିଦୃଶିଆ ଦଣ୍ଡବିଧାନ ନ ଥିବାରୁ ତ ଜଘନ୍ୟ ଅପରାଧର ସାମ୍ରାଜ୍ୟ ଆଜି ବିସ୍ତାର ଅଭିମୁଖେ । କୋର୍ଟକଚେରୀ ଓ କାରାଦଣ୍ଡର ଭୟକୁ ମାମୁଲିରୂପେ ନେଇ ରକ୍ତରେ ଖେଳୁଛି ହୋଲି । ଭାରତ ପରି ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ କଳୁଷିତ ରୂପକ ରାଜନୀତିର କଳାଚାଦର ଢାଙ୍କି ଜନସାଧାରଣଙ୍କୁ ଅମୁହାଁ ଅଣନିଃଶ୍ୱାସୀ କରାଇ ଶ୍ୱାସରୁଦ୍ଧ କରିବାକୁ ବସିଲାଣି ପଛେ ତୁଣ୍ଡ ଖୋଲିବାକୁ କେହି ସାହସ କରୁନାହାଁନ୍ତି କାହିଁକିନା ଯିଏ କହିଲା ସିଏ ମଲା । ଖାଲି ଚାଲିଛି ଏଠି ଭ୍ରଷ୍ଟାଚାର ଆଉ ମହାଦୁର୍ନୀତି ।

ଚାହୁଁଚାହୁଁ ସମୟ ଆଖିପିଛୁଳାକେ ହାତମୁଠାରୁ ଖସି ଯାଉଛି । ଚେଷ୍ଟା କରି ନା ତାକୁ ଧରି ହେଉଛି ନା ଅତୀତକୁ ଫେରିପାଉଛୁ । ୟା ଭିତରେ ଅତିକ୍ରାନ୍ତ ହୋଇସାରିଲାଣି ସ୍ୱାଧିନତାର ସାତ ଦଶନ୍ଧି । ଅନେକ ଆଶା, ଆଶ୍ୱାସନା, ସ୍ୱପ୍ନ ଆଜିବି ଅଧୁରା । କୁସଂସ୍କାର, ଅନ୍ଧବିଶ୍ୱାସ, ନାରୀ ନିର୍ଯ୍ୟାତନା, ଟାଉଟରି, ଧଳା ଜହର କାରବାର, ଗଞ୍ଜେଇ ଚାଲାଣ, ଶିଶୁ ଚୋରି, ଚାକିରୀ ସହ ଉପୁରି ଆଦିର ଲମ୍ବା ତାଲିକାକୁ ଦେଖିଲେ ଆଖି ଖୋସି ହୋଇଯାଉଛି । ସମାଜର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଦରବୃଦ୍ଧି ଆକାଶ ଛୁଆଁ । ପୁଣି ଚାଷୀମୂଲିଆଙ୍କ ପାଇଁ ବହୁତ ସାରା ଯୋଜନା । କିନ୍ତୁ ଗରିବିପଣିଆ ଯାହାକୁ ସେଇୟା । ସଂପ୍ରତି ସମୟରେ ଅନେକ ଲୋକ ଅଛନ୍ତି ଯାହାକି ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ । ୟେ ହେଉଛି ଆମ ଦେଶର ଅବସ୍ଥା ।

ଖାଲି ସେତିକି ନୁହେଁ, ଓଡ଼ିଶା ସୀମାନ୍ତରେ ଆନ୍ଧ୍ରର ରାଜୁତି ତ ଭାରତ ସୀମାରେଖା ଚୀନ ଅକ୍ତିଆରରେ । ଏସବୁ କାର୍ଯ୍ୟ ତ ଦିନେ ଦୁଇ ଦିନର କଥା ନୁହେଁ ବରଂ ବର୍ଷବର୍ଷର କଥା । ତା'ହେଲେ ସରକାର କରୁଛନ୍ତି କ'ଣ ? ଧୀରେଧୀରେ ଯେତେବେଳେ ନେଡିଗୁଡ଼ କହୁଣୀକୁ ବୋହିଯିବ ସେତେବେଳେ ହେଜ ପଶିବ । ବେଳ ଥାଉଥାଉ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ପୁଣି ଭୋଗିବାକୁ ପଡ଼ିବ ପରାଧୀନ ଅବସ୍ଥା । ତେଣୁ ରାଜନୈତିକ ଦଳଗୁଡ଼ିକ କଳିକନ୍ଦଳ ଛାଡ଼ି ବରଂ ଦେଶର ଉନ୍ନତି ଓ ବିକାଶ ସାଧନ କ୍ଷେତ୍ରରେ ଆଗେଇ ଆସ ସେହି ହିଁ ହେବ ରାଜନୀତିର ପ୍ରକୃତ ପରିଚୟ ।

ତଥାପି ଆସନ୍ତୁ, ଏହି ପବିତ୍ର ଦିବସରେ ଶପଥ ନେବା ଯେ ଏକତା ସୂତ୍ରରେ ବାନ୍ଧିହୋଇ ଦେଶକୁ ଆଗେଇ ନେବା, ଶତ୍ରୁର ଉତ୍ତୁଙ୍ଗ ଦର୍ପକୁ ଭୂଲୁଣ୍ଠିତ କରି ମହାଭାରତୀୟ ଆଦର୍ଶରେ ଏକତାବଦ୍ଧ ହୋଇ ଚଳିବା, ସଂକୀର୍ଣ୍ଣ ସ୍ୱାର୍ଥରୁ ମୁକୁଳି ସମୂହ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସହିତ ସ୍ୱାଧୀନତାର ମୂଲ୍ୟବୋଧକୁ ଉପଲବ୍ଧି କରି ହସଖୁସିରେ ଚଳିଯିବା । ଜାତୀୟ ଏକତା ପ୍ରତିଷ୍ଠିତ କରି ଜାତିକୁ ଶାନ୍ତି, ମୈତ୍ରୀ, ସେବା, ତ୍ୟାଗ ଓ ବୀରତ୍ୱର ମନ୍ତ୍ରରେ ଦୀକ୍ଷିତ କରାଇ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା କରିବା ନିମନ୍ତେ ଦୃଢ଼ ସଂକଳ୍ପବଦ୍ଧ ହେବା; ତା'ହେଲେ ଯାଇ ସ୍ୱାଧିନତାର ମୂଲ୍ୟକୁ ବୁଝିପାରିବା । ଜୟ ହିନ୍ଦ ।

# ଜନସଂଖ୍ୟା ବିସ୍ଫୋରଣ ଓ ଏହାର ସମାଧାନ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ଜନସଂଖ୍ୟା ବୃଦ୍ଧିକୁ ଜନସଂଖ୍ୟା ବିସ୍ଫୋରଣ ବା ପପୁଲେସନ୍ ଏକ୍ସପ୍ଲୋଜନ୍ କୁହନ୍ତି। ଅନିୟନ୍ତ୍ରିତ ଓ ଅସ୍ୱାଭବିକ ଜନସଂଖ୍ୟା ବୃଦ୍ଧି ପ୍ରଥମତଃ ପରିବେଶ ପ୍ରତି ଭୟଙ୍କର ସଙ୍କଟ ସୃଷ୍ଟି କରିଛି। ପୃଥିବୀର ପ୍ରାକୃତିକ ସମ୍ବଳ ସୀମିତି ଅଟେ। ତେଣୁ କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଖାଦ୍ୟ, ବସ୍ତ୍ର, ବାସ ଗୃହ, ଶିକ୍ଷା ସେବା ଭଳି ମୌଳିକ ଆବଶ୍ୟକତା ଯୋଗାଇ ଦେଇ ହେଉନାହିଁ।

ମନୁଷ୍ୟ ଆପଣାର ଜୀବନଧାରଣ ପାଇଁ ପ୍ରକୃତି ଓ ପରିବେଶକୁ ପ୍ରତିଦିନ ନଷ୍ଟ କରିଚାଲିଛି। ପୃଥୀବୀରୁ କୋଇଲା, ପେଟ୍ରୋଲିୟମ ଆଦି ଖଣିଜ ସହିତ ଅମ୍ଳଜାନର ପରିମାଣ ଦୃତତର ଭାବେ ହ୍ରାସ ପାଉଛି। ମହାକାଶରେ 'ଓଜୋନ୍'ର ସ୍ତର ହ୍ରାସ ପାଇବାରୁ ମନୁଷ୍ୟ ପାଇଁ ଗୁରୁତର ସଂକଟ ସୃଷ୍ଟି ହେଲାଣି। ବେକାରୀ, ଅନାହାର ବଢି ବଢି ଚାଲିଛି। ଶିକ୍ଷିତ ଯୁବକ ଯୁବତୀ ମାନେ ଚାକିରି ନପାଇ ଚରମ ନୈରାଶ୍ୟ ମଧ୍ୟରେ ଗତି କରୁଛନ୍ତି। ସେମାନେ ବାଧ ହୋଇ ଚୋରୀ ଡକାୟତି, ଲୁଟତରାଜ ଭଳି ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ସ୍କୁଲ କଲେଜରେ ଛାତ୍ରଛାତ୍ରୀମାନେ ସ୍ଥାନ ପାଇବାରୁ ବଂଚିତ ହେଉଛନ୍ତି। ଡାକ୍ତରଖାନାରେ ରୋଗୀଙ୍କ ଭିଡ କାରଣରୁ ସେମାନଙ୍କର ଉପଯୁକ୍ତ ଯନଃ ନିଆଯାଇପାରୁନାହିଁ। ସରକାରଙ୍କର ସମସ୍ତ ଯୋଜନା ଓ ଅଟକଳ କେବଳ ଅସ୍ୱାଭାବିକ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବିଫଳ ହୋଇଯାଉଛି। ୨୦୫୦ ମସିହା ବେଳକୁ ପୃଥୀବୀର ଜନସଂଖ୍ୟା ୧୨ ଶହ କୋଟି ୫୦ଲକ୍ଷରେ ପହଂଚିବ ବୋଲି ବିଶେଷଜ୍ଞମାନେ ସତର୍କବାଣୀ ଶୁଣାଇସାରିଲାଣି। ସେତିକିବେଳେ ଜଣେ ଲୋକ କେବଳ ଠିଆ ହୋଇ ରହିପାରିବ ମାତ୍ର। ୨୦୦୧ରେ ଭାରତର ଜନସଂଖ୍ୟା ଥିଲା ୧୦୨ କୋଟି। ଭାରତରେ ଏଣିକି ପ୍ରତି ଏକ ମିନିଟରେ ୩୫ଜଣ ଶିଶୁ ଜନ୍ମ ନେଉଛନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ୨୦୫୦ ବେଳକୁ ଭାରତ ବର୍ଷର ଜନସଂଖ୍ୟ ଦୃଷ୍ଟିରୁ ଚୀନକୁ ଟପି ବିଶ୍ୱର ପ୍ରଥମ ସ୍ଥାନ ଅଧିକାର କରିଥିବ। ସୁସ୍ଥ ଜୀବନ ଯାତ୍ରା ନିମନ୍ତେ ଜନ୍ମ ନିୟନ୍ତ୍ର ଅତ୍ୟନ୍ତ ଆବଶ୍ୟକ ବୋଲି ଅନୁଭବ କରାଗଲାଣି। ଭବିଷ୍ୟତରେ କିଶୋର କିଶୋରୀ ମାନଙ୍କର କର୍ମସଂସ୍ଥାନ ଯେ କିପରି ଦୁର୍ବିସହ ହୋଇ ପଡିବ। ତାହା ସହଜରେ ଅନୁମେୟ ଯୁକ୍ତରାଷ୍ଟ୍ର ଆମେରିକାର ଡାର୍ଟମାଉଥ୍ ବିଶ୍ୱ ବିଦ୍ୟାଳୟର ଜର୍ନୈକା ମହିଳା ବିଶେଷଜ୍ଞ କହିଛନ୍ତି ଯେ ପୃଥୀବୀ ସର୍ବାଧିକ ଆଠଶହ କୋଟି ଲୋକଙ୍କର ଭାରବହନ କରିପାରିବ। ବର୍ତ୍ତମାନ ଏହା ୬ଶହ କୋଟି ଓ ପହଂଚିଲାଣି। ୨୦୫୦ ମସିହା ବେଳେକୁ ପୃଥୀବୀର ପରିବେଶ ଭାରସାମ୍ୟ ହରାଇ ବସିବା ଫଳରେ ଭୟଙ୍କର ପରିସ୍ଥିତି ଉପୁଜିବ। ଯଦିଓ ଜନ୍ମ ନିୟନ୍ତ୍ରଣ ପାଇଁ ଯେଉଁ ସବୁ ଯୋଜନା ଏବଂ ଅର୍ଥ ବ୍ୟୟ କରାଯାଉଛି ତା ସାଙ୍ଗକୁ ଏ ବିଷୟରେ ଯେତିକି ଆଡମ୍ବର ପୂର୍ଣ୍ଣ ପ୍ରଚାର ଓ ପ୍ରସାର କରାଯାଉଛି। ସେଇ ପରିମାଣରେ ସଫଳତା ହାସଲ କରାଯାଇପାରୁନାହିଁ। ଚୀନ ଭଳି ନିୟମମାନିବାରେ କାର୍ଯ୍ୟକାରତା କରିବାରେ କଠୋର ହେବା ଉଚିତ୍। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏହା ଲାଗୁ ହେବା ବାଞ୍ଛନୀୟ। ଜନ୍ମ ନିୟନ୍ତ୍ରଣ ଦିଗରେ ଖ୍ରୀଷ୍ଟିଆନ୍ ଓ ମୁସଲିମ୍ ଧର୍ମରେ ରକ୍ଷଣଶୀଳ ମନୋଭାବ ଯୋଗୁଁ ସମଗ୍ର ପୃଥିବୀରେ ସଂକଟ ସୃଷ୍ଟି ହୋଇଛି। ଜନ୍ମ ନିୟନ୍ତ୍ରଣକୁ ସେମାନେ ଧର୍ମ ବିରୋଧି ଏବଂ ଅନୈତିକି କାର୍ଯ୍ୟ ବୋଲି ବିଚାର କରନ୍ତି।

ଭାରତ ହେଉଛି ପୃଥୀବୀର ପ୍ରଥମ ରାଷ୍ଟ୍ର ଯେଉଁଠି ସରକାରୀ ସ୍ତରରେ ପରିବାର କଲ୍ୟାଣ ତଥା ଜନ୍ମ ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ସ୍ତରରେ ଏଥିପାଇଁ ଏକ ପୃଥକ୍ ମନ୍ତ୍ରଣାଳୟ ରହିଛି। କେନ୍ଦ୍ର ଓ ରାଜ୍ୟ ବଜେଟରେ ଏଥିପାଇଁ ସ୍ୱତନ୍ତ୍ର ଭାବେ ବଜେଟ୍ ବରାଦ୍ କରାଯାଉଛି। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଗଣମାଧ୍ୟମର ସାହାଯ୍ୟ ନିଆଯାଉଛି। ପରିବାର କଲ୍ୟାଣ ସମ୍ପର୍କରେ ଶିକ୍ଷା ଦେବା ପାଇଁ ସରକାର ବିଭିନ୍ନ ସ୍ଥାନରେ ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ମାନ ଖୋଲିଛନ୍ତି। ଏତଦ୍ ବ୍ୟତୀତ ଲକ୍ଷ୍ନୌ ଓ ବମ୍ବେଠାରେ ଦୁଇଟି ଗବେଷଣା କେନ୍ଦ୍ର ସ୍ଥାପିତ ହୋଇଛି। ଦେଶରେ ସମ୍ପ୍ରତି ୫ଟି କେନ୍ଦ୍ରିୟ ତାଲିମ ପ୍ରତିଷ୍ଠାନ ଏବଂ ୪୨ଟି ଆଂଚଳିକ ତାଲିମ ପ୍ରତିଷ୍ଠାନ ରହିଛି। ଜନ୍ମ ନିୟନ୍ତ୍ରଣ କରିବା ବ୍ୟାପକ କରିବା ପାଇଁ ୧୯୩୬ ମସିହା ଏପ୍ରିଲ ମାସରେ କେନ୍ଦ୍ର କ୍ୟାବିନେଟରେ କେତେଗୁଡଏ ନୀତିନିୟମ ଧାର୍ଯ୍ୟ କରାଗଲା। ପୁଅମାନଙ୍କର ବିବାହ ବୟସ ୨୧ ସର୍ବନିମ୍ନ ଏବଂ ଝିଅମାନଙ୍କର ସର୍ବନିମ୍ନ ବୟସ ୧୮ ଧାର୍ଯ୍ୟ କରାଯାଇଛି। ପରିବାର କଲ୍ୟାଣ ବାବଦରେ ରାଜ୍ୟ ଯୋଜନାର ଶତକଡା ୮ଭାଗ ଅର୍ଥ କେନ୍ଦ୍ର ବହନ କରୁଛି। ପରିବାର କଲ୍ୟାଣ ଅସ୍ତ୍ର ଉପଚାର କରିଥିବା ଦମ୍ପତିକୁ ଆର୍ଥିକ ସାହାଯ୍ୟ ଦିଆଯାଉଛି। ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାହାଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ଛୋଟ ପରିବାରକୁ ଉତ୍ସାହିତ କରିବା ନିମନ୍ତେ ଚାକିରୀ ସର୍ତ୍ତରେ କେତେକ ନୂତନ ସୁବିଧା (ଏକ୍ସରରଭ ଉବକ୍ସୟ) କରାଯାଇଛି।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ



### ସବୁ ସର୍ତ୍ତରେ
**ସୁବ୍ରତ କୁମାର ଜେନା**

ସର୍ତ୍ତ ଥିଲା
ଜିତିକି ବି ହାରିଯିବି ତୁମ ପାଖେ
ମାନିନେଲି ସବୁକୁ
ଅନୁଭବ କଲି ଜିତିବାର ନିଶାକୁ
ତୁମରି ନୀଳ ଆଖିରେ
ଗୋଲାପ ତ ଅନେକ ଦେଖିଛି
କିନ୍ତୁ କଣ୍ଟାର ଆଘାତ
ଅତୀବ ପୀଡ଼ାଦାୟକ ସାମାନ୍ୟ
ଅନ୍ୟମନସ୍କତା ଲାଗି
ତୁମେ କହିଲ ମୁଁ ମାନିନେଲି
ହେଲେ ପ୍ରତିବଦଳରେ
ତୁମେ ଠିଆ କଲ
ଅବିଶ୍ୱାସ ପ୍ରତାରଣାର ବିରାଟ ପାହାଡ଼
ଅନେକ ବାଟ ଚାଲିଥିଲି କାହା
ଭରସାରେ
ପଛକୁ ଫେରିଚାହିଁ ଦେଖେତ
ଖାଲି ନୀରବତା ଶୂନ୍ୟତା
ସର୍ତ୍ତ ଭିତରେ ନଥିଲାତ ଏସବୁ
ବିଶ୍ୱାସର ଦେଉଳ ଏମିତିଯେ ଭାଙ୍ଗିବ
ସେ ପୁଣି ବିନା ବାହ୍ୟ ଆକ୍ରମଣରେ
କାହିଁ ଜାଣି ଜାଣି ସାଜିଲ
କଳାପାହାଡ,
ମାମୁଦଗଜନୀ, ଔରଙ୍ଗଜେବ
ସବୁକିଛିତ ଥିଲା ତୁମ ଅଧୀନରେ
ଆଉ ପୁଣି କଣ ଲାଗି ଏ ରକ୍ତର ହୋଲି
ପ୍ରଣାଦାତ୍ରୀ ରୁ ପିଶାଚୀନୀ ର ରୂପ
ଏ କଣ ତୁମ ଜୀବନର ଶେଷ ଲକ୍ଷ ।।

+ ଶୂରଡିହ,ନନ୍ଦିପୁର,ଯାଜପୁର
(ମୋ) ୮୨୪୯୨୨୦୮୩୦

### ସକାଳ
**ନୀଳମଣି ଚାନ୍ଦ**



ସିନ୍ଦୂରା ଫାଟେ
ସ୍ୱରୂପ ଉଠେ
ଫୁଲ ଯେ ଫୁଟେ
ତା ବାସ ଛୁଟେ
ମହକ ନେଇରେ ସମୀର ବାଣ୍ଟେ

ସକାଳ ଆସେ
ଧରାର ପାଶେ
ଗୁଣ୍ଡୁରି ବସେ
ଫୁଲ ତ ହସେ
ମହୁମାଛି ଉଡ଼ି ମହୁ ତ ଶୋଷେ

ଅନ୍ଧାର ଛାଡ଼େ
ଖରାଟି ମାଡ଼େ
ବିହଙ୍ଗ ଉଡ଼େ
କେମନ୍ତ ପଡ଼େ
ନୂଆ ଦିନଟିଏ ସକାଳ ଗଢ଼େ

+ ୨୭ ମନ୍ତ୍ର ମାନୋର
ଗୋଠପାଟଣା, ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

### ଶ୍ରାବଣରେ ବର୍ଷା
**ଝରଣା ବାରିକ**



ଶ୍ରାବଣ ର ଧାରା ଝରୁଛି ଆକାଶୁ
ସତେ ବା ଅମୃତ ପରି,
ସୂର୍ଯ୍ୟ କୁ ଲୁଚାଇ କଳା ବାଦଲ ଟା
ଦୌଡେ ଚଞ୍ଚଳ କରି।

ପକ୍ଷୀ ଯାଏ ଉଡି ଆକାଶରେ ଝାଡି
କୁନି କୁନି ଡେଣା ପର,
କିଛି ବାଟ ଯାଇ ଫେରି ଆସେ ପୁଣି
ଛୋଟିଆ ନିଡକୁ ତାର।

ବରଷା ରେ ଭିଜି ଖୋଜି ବୁଲୁଥାଏ
ଆଧାର ତା ପିଲା ପାଇଁ,
ନିଜେ ଭୋକେ ରହି ଯାହା କିଛି ପାଏ
ପିଲାଙ୍କୁ ଦିଏ ତା ନେଇ।

ହସେ ଫୁଲ ଗଛ ହସୁଛି ମୟୁର
ସାରୁ ମୂଳେ ହସେ ବେଙ୍ଗ,
ଇନ୍ଦ୍ର ଧନୁ ହସେ ଆକାଶ କୋଳରେ
ଦେଖାଇ ତା ସାତ ରଙ୍ଗ।

ହମ୍ବା ରଡି ଛାଡେ ଗୁହାଳ ରେ ଗାଈ
ପାରୁ ନାହିଁ ଘାସ ଚରି,
କୁନି ଛୁଆ ତାର ଭୋକ ରେ ରହୁଛି
ପାରୁନି ତା ପେଟ ପୁରି।

କା ଓଠରେ ହସ ଫୁଟାଏ ଶ୍ରାବଣ
କାହା ମନେ ଦୁଃଖ ଦିଏ,
ସବୁଜ ଶାଢ଼ୀ କୁ ଦେହରେ ଗୁଡ଼େଇ
ଏ ଧରଣୀ ହସୁ ଥାଏ।

+ ସମଲ, ତାଳଚେର, ଅନୁଗୋଳ



### ସବୁଠି ଅଛ...
**ଲକ୍ଷ୍ମୀପ୍ରିୟା ମାଇତି**



କହିଲ ...
ମୁଁ ବଦଳି ଯାଇଛି କାଲେ
ସପ୍ତାହ ଭିତରେ
ଛାଡିଛି ରଙ୍ଗ ତମ ଇଟା ବାଲି ମିଶା
ସିମେଣ୍ଟ କାନ୍ଥରୁ
ସବୁ
ମୋ ପ୍ରତାରଣାରେ।

ଶୁଣିଲି...
ଚୁପ୍ ରହିଲି ହେଲେ
ଭାରି ବାଧୁଥିଲା
ତମର ସେଇ କଥା ପଦକରେ
କ'ଣ ଯେ ଦେଖିଲ ମୋର
ନା ମୁଁ କୋଉଠି ବସୁଥିବାର...
ନା ହସୁଥିବାର, ନା ବର୍ଷୁଥିବାର... ?
ତମକୁ ମିଛ ମୋତେ ସତ
ଜାଣିନ...
ଦେଖୁନ ତ କେବେ ଆଖିରେ
କେତେ ଝୁଣ୍ଟୁଚି ତମ ବିନା
କେତେ ଥର ଜୀଉଛି ମରୁଛି
ତମରି ସ୍ମୃତିରେ।

ପଚାରୁନ ତ କେବେ
ହସୁଛି କି ନାହିଁ
ନୀଳ କଇଁ ଓଠରେ !
ଆକାଶ ଛାତିରେ ଆଉଜି ପଡିଥିବା
ଜହ୍ନର ମୁହଁରେ !
ତମକୁ ଭାବୁଛି କି ନାହିଁ
ସକାଳର ପୃଥିବୀରେ !
ଆଙ୍କୁଛି କି ନାହିଁ
ସାତରଙ୍ଗ ଭରା ଇନ୍ଦ୍ରଧନୁରେ।!

ନ ବୁଝି ନସୁଝି
ଯେତେ ସବୁ ଭୁଲ୍ ବୁଝାମଣା
ହୋଇଥାଏ ଏଇମିତି ବୋଧେ
ସବୁ ସମ୍ପର୍କରେ ?

କହି ଦିଅ ଥରେ ?
କିନ୍ତୁ ଏତିକି ବିଶ୍ୱାସ ରଖ
କେବଳ ମୋରି ଉପରେ
ତମ ସ୍ନେହ ଅନୁରାଗ
ମିଳିବନି କେବେ
ମୋତେ ଏଇ ଜଗତରେ
ତମେ ପରା ବସିଛ
ମୋ ହୃଦୟ ଆରମ୍ଭ- ମଧ୍ୟମ...
କୋଣ - ଅନୁକୋଣ...
ଉଚ୍ଚ ନୀଚ ଆଉ ଶେଷ ପାହାଚରେ ।

+ ଝାଟିପାରି, ଆମ୍ବୀକ୍, ଏରସମା,
ଜଗତସିଂହପୁର
(ମୋ)୯୪୩୯୫୩୭୫୯୨



# ସେବା ସଙ୍ଗୀତର ପୂଜାରିଣୀ ଅନୁରାଧା

ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ପ୍ରଯୋଜନା ସଂସ୍ଥା ପକ୍ଷରୁ ଅନୁରାଧାଙ୍କ କଣ୍ଠରେ ଛ'ଟି ଗୀତ ପ୍ରସ୍ତୁତ ହେଇଛି। ଦେବଦାସ ଛୋଟରାୟ, ଦେବୀଦତ୍ତ ମହାନ୍ତି ଏବଂ ସୁବ୍ରତ ସ୍ୱାଇଁଙ୍କ ରଚିତ ଏଇ ଗୀତ ଗୁଡ଼ିକର ସ୍ୱର ସଂଯୋଜନା କରିଛନ୍ତି ମନ୍ମଥ ମିଶ୍ର, ଓମ୍‌ପ୍ରକାଶ ମହାନ୍ତି, ବିକାଶ ଦାସ ଓ ପ୍ରେମ୍ ଆନନ୍ଦ। ପ୍ରଜାପତି ଡେଣା ମୋର, ଦୁଇଟି ଦିନ ଖେଳିବା ପାଇଁ, ତମ ହସିବା ତମ ରାଗିବା, ଆସୁଛୁ ଯାଉଛୁ ତୁ ଛାଁ କୁ ଛାଁ, ଜହ୍ନ ଦିଶେ ଅଧେ ଅଧେ ଏବଂ ଭଜନ 'ଏ ଜୀବନ ତୁମ ଦାନ' ଆଦିରେ କଣ୍ଠଦାନ କରିଛନ୍ତି ଅନୁରାଧା। କେବଳ ଗୀତ ନୁହେଁ ସେ 'ଦିଲ୍‌ରେ ଅଛି ତୋରି ନାଁ' ଚଳଚ୍ଚିତ୍ରର ନାୟିକା ଭୂମିକାରେ ଅଭିନୟ କରିଛନ୍ତି, ଯାହା ନିକଟ ଭବିଷ୍ୟତରେ ମୁକ୍ତିଲାଭ କରିବାକୁ ଯାଉଛି। ସେମିତି 'ସୁଇଟି ସିକ୍ୱଟିନ୍' ସିନେମା ଗୀତରେ ସେ ମଧ୍ୟ କଣ୍ଠଦାନ କରିଛନ୍ତି।

ଏବେ ଏକ ଅନ୍‌ଟାଇଟଲ୍‌ଡ ତେଲୁଗୁ ସିନେମାରେ ମଧ୍ୟ ସେ ଅଭିନୟ କରୁଛନ୍ତି। ଅନୁରାଧା ପୂର୍ବରୁ ଡ୍ରିମ୍‌ଗାର୍ଲ ପରି କିଛି ମ୍ୟୁଜିକ୍ ଆଲବମ୍‌ରେ ମଧ୍ୟ କଣ୍ଠଦାନ କରିଛନ୍ତି। ସମ୍ପ୍ରତି ସେ ଶ୍ରୀକାକୁଳମସ୍ଥିତ ଶ୍ରୀ ସାଇ ଡେଣ୍ଟାଲ୍ କଲେଜ ଆଣ୍ଡ ରିସର୍ଚ୍ଚ ଇନିଷ୍ଟିଚ୍ୟୁଟ୍‌ରେ ଡାକ୍ତରୀ ପାଠ ପଢୁଛନ୍ତି। ସଙ୍ଗୀତ ଓ ଅଭିନୟ ସାଙ୍ଗକୁ ଡାକ୍ତରୀ ବିଦ୍ୟାକୁ ନେଇ ଏକାଠି ଚାଲୁଥିବା ଅନୁରାଧା ସ୍ୱପ୍ନ ଗରିବ ଓ ଅସହାୟ ରୋଗୀଙ୍କ ସେବା କରିବା।

# ବାସ୍ତବଧର୍ମୀ କାହାଣୀର ପ୍ରଯୋଜକ



କୋଭିଡ୍-୧୯ର ସଂକ୍ରମଣ ସମଗ୍ର ବିଶ୍ୱକୁ ଗ୍ରାସ କରିଛି। ଲକଡାଉନ୍ ଯୋଗୁଁ ଜଣେ ପ୍ରବାସୀ ଶ୍ରମିକ ରୋଜଗାର ହରାଇବା ପରେ ଯେଉଁ ସବୁ ଅସୁବିଧାର ସମ୍ମୁଖୀନ ହେଉଛି, ତାହା ଚଳଚ୍ଚିତ୍ର ମାଧ୍ୟମରେ ପ୍ରତିଫଳିତ କରିବାକୁ ପ୍ରୟାସ କରିଛନ୍ତି ପ୍ରଯୋଜକ ରଞ୍ଜିତ କୁମାର ସାହୁ। ନିଜେ କାହାଣୀ ପରିକଳ୍ପନା କରିବା ସହ ଚିତ୍ରନାଟ୍ୟ ପ୍ରସ୍ତୁତ ଏବଂ ସଂଳାପ ରଚନା କରିଛନ୍ତି ରଞ୍ଜିତ କୁମାର। କେବଳ ପ୍ରବାସୀ ଶ୍ରମିକ, ନୁହେଁ, ଏଥିରେ ବୁଲା ବିକାଳି, ବେରୋଜଗାର, ଗରିବ ଓ ସାଧାରଣ ଲୋକ; ଏମାନଙ୍କ ଅଭାବ ଓ ଦୁଃଖକୁ ନିଚ୍ଛକ ଭାବେ ଅବତାରଣା କରାଯାଇଛି। ଏହାର କାହାଣୀରେ ରହସ୍ୟ, ରୋମାଞ୍ଚ, ପ୍ରେମ ଓ ହାସ୍ୟରସର ଭରପୂର ମସଲା ରହିଛି। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ଷ୍ଟାରସନ୍ ଅମ୍ଳାନ୍। ତାଙ୍କ ବିପକ୍ଷର ନାୟିକା ସାଜିଛନ୍ତି ତମନ୍ନା। ଏ ଦୁହିଁଙ୍କ ବ୍ୟତୀତ ହରିହର ମହାପାତ୍ର ଓ ବବି ମିଶ୍ର ମଧ୍ୟ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଥିରେ ପ୍ରଦ୍ୟୁମ୍ନ ଲେଙ୍କା, ଉମାକାନ୍ତ ମୁଦୁଲି, ପୃଥ୍ୱୀରାଜ ଆଚାର୍ଯ୍ୟ, କମଳ, ଲୀନା, ଭାବନା, ନୀଖିଳେଶ ଘୋଷ, ରଶ୍ମି ପାଢ଼ୀ, ରାଧେଶ୍ୟାମ ମିଶ୍ର ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ସରପ୍ରାଇଜ୍ କଲେ ଅନୁପମ୍

ପ୍ରଶଂସକଙ୍କୁ ଚକିତ କଲେ ବଲିଉଡର ଭେଟେରାନ ଅଭିନେତା ଅନୁପମ ଖେର। ଇନ୍‌ଷ୍ଟାଗ୍ରାମରେ ଭିଡିଓ ସେଆର କରି ଦେଲେ ସରପ୍ରାଇଜ। ୬୬ ବର୍ଷ ବୟସରେ ଲୋକଙ୍କୁ କଲେ ଘାଇଲା। ସେଆର କଲେ ସାର୍ଟଲେସ ଭିଡିଓ। ଦେଖାଇଲେ ବାଇସେପ୍।

ନିକଟରେ ବଲିଉଡ ଅଭିନେତା ଅନୁପମ ଖେର ଇନଷ୍ଟାଗ୍ରାମରେ ଜିମରୁ ନିଜର ଏକ ସାର୍ଟଲେସ୍ ଭିଡିଓ କ୍ଲିପ୍ ଶେୟାର କରିଛନ୍ତି। ତାଙ୍କ ଫିଟନେସ୍ ଦେଖି ଫ୍ୟାନ୍ସ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେ ସୋଲ୍ଡର୍ ପ୍ରେସ୍ କରୁଥିବାର ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହାକୁ ପୋଷ୍ଟ କରି ସେ ଲେଖିଛନ୍ତି, 'ଆତ୍ମବିଶ୍ୱାସ ଏକ ମାଂସପେଶୀ ପରି। ଯେତେ ଅଧିକ ଆପଣ ଏହାର ଉପଯୋଗ କରିଥାନ୍ତି ତାହା ସେତେ ଅଧିକ ଶକ୍ତିଶାଳୀ ହୋଇଥାଏ।' ଅନୁପମଙ୍କ ଏହି ୱାର୍କଆଉଟ୍ ଭିଡିଓ ଫ୍ୟାନ୍ସମାନଙ୍କୁ ଖୁବ୍ ପସନ୍ଦ ଆସୁଛି। ଅନୁପମ୍‌ଙ୍କ ମସଲ୍ସ ଦେଖି କିଏ ଇମ୍ପ୍ରେସ ହେଉଛି ତ ଆଉ କିଏ ପ୍ରଶଂସା କରୁଛି। ଜଣେ ୟୁଜର ଲେଖିଛନ୍ତି, ଏ ବୟସରେ ଏଭଳି ଫିଟ୍ ରହି ଆପଣ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସେପଟେ ଆଉଜଣେ ୟୁଜର ଲେଖିଛନ୍ତି, 'ବବ୍, ଟାଇଗର ଅଭି ଜିନ୍ଦା ହେ'।

ଅନୁପମ ଖେର ସୋଶାଲ ମିଡିଆରେ ବେଶ୍ ଆକ୍ଟିଭ। ସେ ପ୍ରାୟତଃ ତାଙ୍କର ମଜାଦାର ଭିଡିଓ ଓ ଫଟୋ ଅପଲୋଡ କାରିଥା'ନ୍ତି। ଯାହା ବେଳେବ ବେଳେ ଭାଇରାଲ ହୋଇଥାଏ। ସେହିପରି ରାଜନୈତିକ ହେଉ ଅବା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ପ୍ରାୟତଃ ସବୁ ପ୍ରସଙ୍ଗରେ ନିଜ ମନ୍ତବ୍ୟ ମଧ୍ୟ ରଖି ଚର୍ଚ୍ଚାକୁ ଆସିଥାନ୍ତି ଅନୁପମ। ଆଜିକାଲି ଅନୁପମ ଆମେରିକାରେ 'ଶିବ ଶାସ୍ତ୍ରୀ ବଲବୋଆ' ନାମକ ଏକ ଫିଲ୍ମର ସୁଟିଂ କରୁଛନ୍ତି। ଏହି ଫିଲ୍ମରେ ତାଙ୍କ ସହ ନୀନା ଗୁପ୍ତା ଅଛନ୍ତି। ଏହା ହେଉଛି ତାଙ୍କର ୫୧୯ ତମ ଫିଲ୍ମ । ଅନୁପମ ଖେର ନିଜର ଜବରଦସ୍ତ ପ୍ରଦର୍ଶନ ସହିତ ଇଣ୍ଡଷ୍ଟ୍ରିରେ ଅନେକ ନାମ ଅର୍ଜନ କରିଛନ୍ତି।



# କଜରା ମୋହବତ

ଚଳିତ ବର୍ଷ ଫେବ୍ରୁଆରି ୨୭ରେ ପ୍ରିମିୟର୍ ହେଇଥିବା ଲୋକପ୍ରିୟ ନୃତ୍ୟଭିତ୍ତିକ ରିଅଲିଟି ସୋ' 'ଡ୍ୟାନ୍ସ ଦିୱାନେ'ର ସିଜିନ୍-୩ର ଚୂଡ଼ାନ୍ତ ଏପିସୋଡ୍ ଅଗଷ୍ଟ ମାସରେ ଦେଖିବାକୁ ମିଳିବ। ରାଘବ ଜୁୟଲ୍ ହୋଷ୍ଟ କରୁଥିବା ଏଇ ସୋ'ର ବିଚାରକ ଅଛନ୍ତି ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଓ କୋରିଓଗ୍ରାଫର ରେମୋ ଡିସୁଜା। ଏହି ସୋ'ର ସବୁଠୁ ମଜାଦାର ମୁହୂର୍ତ୍ତର ଭିଡିଓ ଉପସ୍ଥାପକ ରାଘବ ଜୁଏଲ୍, ବିଚାରକ ତୁଷାର କାଲିଆ ଓ ଧର୍ମେଶ କାଲାନ୍ଦେ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ମାଧୁରୀ ମଧ୍ୟ ଏହାକୁ ସେୟାର କରିଛନ୍ତି। ତୁଷାର ଓ ଧର୍ମେଶଙ୍କ ସହ ମାଧୁରୀ ବଲିଉଡ୍‌ର ଏକ ଠୁମକା ଗୀତରେ ଏମିତି ନୃତ୍ୟ ପ୍ରଦର୍ଶନ କରିଛନ୍ତି ଯେ ଦର୍ଶକ ଦେଖିଲେ ଆଖି ଝଲସିଯିବ। ଗୀତଟିର ଶୀର୍ଷକ ରହିଛି 'କଜରା ମୋହବତ'।

# ଜନ୍ମଦିନର ଉପହାର



ଦକ୍ଷିଣୀ ସିନେ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ମହେଶ ବାବୁଙ୍କ ପାଇଁ ନିର୍ଦ୍ଦେଶକ ଦେଇଛନ୍ତି ସୁପର ଉପହାର। ମହେଶ ବାବୁ କିଛି ଦିନ ତଳେ ଅଭିନୟ କରିଥିବା 'ସାକାରୁ ଭାରି ପାଟା ବ୍ଲାଷ୍ଟର' ମୁକ୍ତିଲାଭ କରିଛି। ଏହା ପୁଣି ମହେଶ ବାବୁଙ୍କ ଜନ୍ମଦିନରେ ମୁକ୍ତିଲାଭ କରିଥିବାରୁ ଚଳଚ୍ଚିତ୍ରଟି ଚର୍ଚ୍ଚାକୁ ଆସିଛି। ଏଥିରେ ମହେଶ ବାବୁଙ୍କ ନାୟିକା ସାଜିଛନ୍ତି କୀର୍ତ୍ତି ସୁରେଶ। ମହେଶ ବାବୁଙ୍କ ସହ ଆଉ ଏକ ବିଶ୍ୱସନୀୟ ଚରିତ୍ରରେ ଉଭା ହେଇଛନ୍ତି ଅଭିନେତା ଭାନିଲା କିଶୋର। ଏଥିରେ ମହେଶ ବାବୁ ତାଙ୍କ କ୍ୟାରିୟରର ସବୁଠୁ ଷ୍ଟାଇଲିଷ୍ଟ ଆକ୍ସନ୍ ଦେଖାଇଛନ୍ତି।

ତାଙ୍କ ଚେହେରାକୁ ଆହୁରି ଆଖିଦୃଶିଆ କରିଛି ନାଲିରଙ୍ଗର ଲକ୍‌ଜୁରି କାର୍। ଏହି କାରରୁ ଓହ୍ଲାଇ ସେ ଯେଉଁ ସଂଳାପ କହିଛନ୍ତି, ତାହା ହୃଦୟସ୍ପର୍ଶୀ ହେଇଛି। କାନରେ ଏକଟଙ୍କିଆ ଟାଟୋ କରିଛନ୍ତି। ମାଇଥ୍ରି ମୁଭି ମେକର୍ସ, ଜିଏମବି ଏଣ୍ଟରଟେନମେଣ୍ଟ ଏବଂ ଫୋର୍ଟିନ୍ ରିଲସ୍ ଦ୍ୱାରା ପ୍ରସ୍ତୁତ ଏଇ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ନବୀନ ୟେରନେନୀ, ୱାଇ ରବିଶଙ୍କର, ରାମ ଅଚନ୍ତା ଏବଂ ଗୋପିଚାନ୍ଦ ଅଚନ୍ତା। ଏଥିରେ ଆର ମାଧି ଚିତ୍ରୋତ୍ତଳନ କରିଥିବା ବେଳେ ସମ୍ପାଦନା କରିଛନ୍ତି ମାରଥଣ୍ଡ କେ. ଭେଙ୍କଟେଶ ଏବଂ କଳା ନିର୍ଦ୍ଦେଶନା ଦେଇଛନ୍ତି ଏ.ଏସ୍. ପ୍ରକାଶ। ନିଦା, ପୋରାଟମ୍, ବାଜାର ରାଉଡ଼ି, ଗୁଦାଚାରି ୧୧୭, ରାଜା କାମାରୁଦୁ, ଯୁବରାଜୁ, ଭାମସୀ, ମୁରାରି, ବବି, ଅର୍ଜୁନ, ଜଲସା, ବାଦଶାହ, ଶ୍ରୀ ଶ୍ରୀ, ସ୍ୱାଇଡର, ଭାରତ ଆନେ ନେନୁ, ମହର୍ଷି ପରି ସଫଳ ସିନେମାର ନାୟକ ମହେଶ ବାବୁ 'ସାକାରୁ ଭାରି ପାଟା ବ୍ଲାଷ୍ଟର' ବ୍ୟତୀତ ଆଉ କିଛିଦିନ ଭିତରେ 'ମେଜର' ଚଳଚ୍ଚିତ୍ରରେ ନାୟକ ଭାବେ ଦେଖିବାକୁ ମିଳିବେ।

# ଏ ବର୍ଷ ବିବାହ କରିବେ ରଣବୀର-ଆଲିଆ !



ବଲିଉଡର ହ୍ୟାଣ୍ଡସମ୍ ହଙ୍କ ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବାଜିବ ଶାହାନାଇ। ହାତକୁ ଦି ହାତ ହେବେ ବଲିଉଡର ଏହି ଷ୍ଟାର କପଲ। ଚଳିତ ବର୍ଷ କରିବେ ବିବାହ। ଏକଥା ଆମେ କହୁନୁ, ନିକଟରେ ଅଭିନେତ୍ରୀ ଲାରା ଦତ୍ତା ଏନେଇ ଖୁଲାସା କରିଛନ୍ତି। ପ୍ରକୃତରେ ଲାରା ଦତ୍ତା ରଣବୀର ଏବଂ ଆଲିଆଙ୍କ ବିବାହକୁ ନେଇ ଭବିଷ୍ୟବାଣୀ କରିଛନ୍ତି। ସେ କହିଛନ୍ତି, ଫମୁଁ ପୁରାତନ ଜେନେରେସନର। ଆଜିକାଲିର ଯୁବ ପିଢ଼ିରେ କିଏ କାହା ସହ ଡେଟ୍ କରୁଛନ୍ତି ତାହା ମୁଁ ଜାଣିନି। ମୁଁ ଅଳ୍ପ କିଛି ଦମ୍ପତିଙ୍କ ବିଷୟରେ ଜାଣିଥିବି ବୋଧେ। କିନ୍ତୁ ସେମାନେ ଏବେ ଏକାଠି ଅଛନ୍ତି ନା ନାହିଁ ତାହା ମୁଁ କହିପାରିବି ନାହିଁ।' ତେବେ ଏକ ସାକ୍ଷାତକାରରେ ରଣବୀର ଏବଂ ଆଲିଆଙ୍କୁ ନେଇ ଲାରା ଚକିତ କଲା ଭଳି ଖୁଲାସା କରିଛନ୍ତି। ସେ ଭବିଷ୍ୟବାଣୀ କରି କହିଛନ୍ତି ଯେ, 'ମୋର ବିଶ୍ୱାସର ସେମାନେ ଚଳିତ ବର୍ଷ ବିବାହ କରିପାରନ୍ତି।' ସୂଚନା ମୁତାବକ, ୨୦୧୭ରୁ ଆଲିଆ ଏବଂ ରଣବୀର ରିଲେସନ୍‌ସିପ୍‌ରେ ଅଛନ୍ତି। ଉଭୟ ପରସ୍ପରର ପରିବାର ସହିତ ମଧ୍ୟ ବହୁତ ଭଲ ସମ୍ପର୍କ ରଖିଛନ୍ତି। ରଣବୀରଙ୍କ ମା' ନୀତୁ କପୁର ଏବଂ ରିଦ୍ଧିମା କପୁର ସାହନି ଆଲିଆଙ୍କୁ ବହୁତ ଭଲ ପାଆନ୍ତି। ଅନେକ ସମୟରେ ତାଙ୍କ ଇନଷ୍ଟାଗ୍ରାମରେ ଆଲିଆ ସହ ଫଟୋ ସେୟାର କରନ୍ତି। ସେପଟେ ଅନେକ ସମୟରେ ରଣବୀର ମଧ୍ୟ ଆଲିଆଙ୍କ ଭଉଣୀ ଶାହିନ୍ ଭଟ୍ଟ ଏବଂ ମା' ସୋନି ରାଜଦାନଙ୍କ ସହ କୁଲ୍ ମୁଡ୍‌ରେ କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରୁଥିବା ନଜର ଆସିଥାନ୍ତି।

# ପୁଣି ମା' ହେବାକୁ ମନ !



ମଲାଇକା ଅରୋରାଙ୍କ ଘରକୁ ଆସିବ ନୂଆ ଅତିଥି। ଏନେଇ ଆରମ୍ଭ ହୋଇଛି ସଜବାଜ। ପୁଣି ଥରେ ମା' ହେବା ପାଇଁ ମନ କରିଛନ୍ତି ମଲାଇକା। ହେଲେ ଏଥର କିନ୍ତୁ ତାଙ୍କୁ ଆଉ ପୁଅ ଦରକାର ନାହିଁ, ତାଙ୍କୁ କୁଆଡେ ଏବେ ଝିଅ ଦରକାର। ଜଣେ କନ୍ୟା ସନ୍ତାନର ମା' ହେବା ପାଇଁ ଇଚ୍ଛା ରଖିଛନ୍ତି ବଲିଉଡର ହଟ୍ ଆଣ୍ଡ ସିଜଲିଂ ଅଭିନେତ୍ରୀ ମଲାଇକା ଅରୋରା। ଏନେଇ ସେ ନିଜେ ସୂଚନା ଦେଇଛନ୍ତି। ବଲିଉଡର ସବୁଠାରୁ ଫିଟ୍ ଆଣ୍ଡ ସଫଳ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ ମଲାଇକା। ସ୍ୱାମୀ ଅରବାଜ ଖାନ୍‌ଙ୍କ ଠାରୁ ଅଲଗା ହେବା ପରେ ସେ ଏବେ ପୁଣି ଥରେ ମା' ହେବାକୁ ମନ କରିଛନ୍ତି। ସେ ଜଣେ କନ୍ୟା ସନ୍ତାନକୁ ଆଡପ୍ଟ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।

ନିକଟରେ ଇ-ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ ମଲାଇକା କହିଛନ୍ତି, ସେ ଜଣେ ଝିଅର ମା' ହେବା ପାଇଁ ଚାହୁଁଛନ୍ତି। ଏଥିପାଇଁ ସେ ତାଙ୍କ ପୁଅ ଅରହାନ ସହ ମଧ୍ୟ କଥାବାର୍ତ୍ତା କରିଛନ୍ତି। ମଲାଇକା ତାଙ୍କ ପୁଅ ଅରହାନଙ୍କୁ ବେଶ୍ ଭଲ ପାଆନ୍ତି। ସେ ମଧ୍ୟ ଜଣେ ଭଉଣୀ ଚାହୁଁଥିବା ମଲାଇକା କହିଛନ୍ତି।

ମଲାଇକା ଆହୁରି କହିଛନ୍ତି, 'ତାଙ୍କର ଅନେକ ଘନିଷ୍ଠ ବନ୍ଧୁମାନେ ମଧ୍ୟ ଛୁଆ ଆଡପ୍ଟ କରିଛନ୍ତି। ଏହା ଜାଣି ବେଶ ଖୁସି ଲାଗେ ଯେ ପିଲାମାନେ ଆପଣଙ୍କ ଜୀବନରେ ସୁଖ ଆଣିଥାନ୍ତି। ଆମେ କିପରି ଦିନେ ଏକ ଶିଶୁକୁ ଆଡପ୍ଟ କରି ଏବଂ ତାଙ୍କୁ ପରିବାର ଏବଂ ଘର ଦେଇପାରିବା, ସେନେଇ ମୁଁ ମୋ ପୁଅ ଅରହାନଙ୍କ ସହ ବହୁତ କଥାବାର୍ତ୍ତା କଲି। ଆମେ ସବୁ ବିଷୟରେ ଆଲୋଚନା କରିଥିଲୁ କିନ୍ତୁ ବର୍ତ୍ତମାନ ଏବେ ସେ ଭଳି କିଛି ଯୋଜନା ନାହିଁ ବୋଲି ମଲାଇକା କହିଛନ୍ତି।'ସୂଚନା ମୁତାବକ, ମଲାଇକା ଏବଂ ଅରବାଜ ଖାନ୍‌ଙ୍କ ୨୦୧୭ରେ ଛାଡପତ୍ର ହୋଇସାରିଛି। ଏବେ ମଲାଇକା ବଲିଉଡ ଅଭିନେତା ଅର୍ଜୁନ କପୁରଙ୍କୁ ଡେଟ୍ କରୁଛନ୍ତି। ଉଭୟଙ୍କୁ ପ୍ରାୟତଃ ପାର୍ଟି ଏବଂ ଫଙ୍କସନରେ ଏକାଠି ଦେଖିବାକୁ ମିଳେ। ସେ ଅର୍ଜୁନ କପୁରଙ୍କ ସହ ଦ୍ୱିତୀୟ ବିବାହ କରିବା ନେଇ ଚର୍ଚ୍ଚା ହେଉଛି।

# କମୁନି ପଙ୍ଗା କୁଇନ୍ କଙ୍ଗନାଙ୍କ ଅଡୁଆ

ବଲିଉଡର ପଙ୍ଗା କୁଇନ୍ କଙ୍ଗନା ରଣାୱତ। ବିବାଦୀୟ ମନ୍ତବ୍ୟ ହେଉ ଅବା କୌଣସି ବ୍ୟକ୍ତିଗତ ବିଷୟ, ସେ ସବୁବେଳେ ରୁହନ୍ତି ଚର୍ଚ୍ଚାରେ। ବେଳେବେଳେ ଟୁଇଟ୍ ?ରେ ସେ ଅନ୍ୟମାନଙ୍କୁ ଟାର୍ଗେଟ କରନ୍ତି। କେବଳ ବଲିଉଡ ଷ୍ଟାର ନୁହଁନ୍ତି ଅନେକ ରାଜନେତାଙ୍କ ସହ ମଧ୍ୟ ସେ ଟୁଇଟ୍ ୱାର କରନ୍ତି। ତାଙ୍କର ବିବାଦୀୟ ବୟାନବଜି ଯୋଗୁଁ ତାଙ୍କ ନାଁରେ ଅନେକ ମାମଲା ଚାଲିଛି। ସେମଧ୍ୟରୁ ଗୋଟିଏ ହେଲା ଦେଶଦ୍ରୋହ ମାମଲା। ଏହି ମାମଲାରେ କଙ୍ଗନାଙ୍କ ଏବେ ଅଡୁଆ ବଢ଼ିଛି। ମୁମ୍ବାଇ ପୁଲିସ ଦ୍ୱାରା ପଞ୍ଜିକୃତ ହୋଇଥିବା ଦେଶଦ୍ରୋହ ମାମଲା ରଦ୍ଦ କରିବା ପାଇଁ କଙ୍ଗନା ବମ୍ବେ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ବୁଧବାର ତାଙ୍କ ଆବେଦନ ଶୁଣାଣି ହୋଇଥିଲା। ଏହାପରେ କୋର୍ଟ ସେପ୍ଟେମ୍ବର ୧୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ସୂଚନା ମୁତାବକ ଗତବର୍ଷ କୃଷି ଆନ୍ଦୋଳନକୁ ନେଇ କଙ୍ଗନା ଏବଂ ତାଙ୍କ ଭଉଣୀ କିଛି ବିବାଦୀୟ ଟ୍ୱିଟ୍ କରିଥିଲେ। କେବଳ କୃଷି ଆନ୍ଦୋଳନକୁ ନେଇ ନୁହେଁ ବଲିଉଡ ଉପରକୁ ମଧ୍ୟ ଜୋରଦାର ଟାର୍ଗେଟ କରିଥିଲେ କଙ୍ଗନା। ଏହାକୁ ନେଇ ବିବାଦ ବଢ଼ିଥିଲା। ପରେ କାଷ୍ଟିଂ ନିର୍ଦ୍ଦେଶକ ତଥା ଫିଟନେସ୍ ପ୍ରଶିକ୍ଷକ ମୁନାୱାର୍ ଅଲି ସୟଦ କଙ୍ଗନା ଏବଂ ତାଙ୍କ ଭଉଣୀ ରଙ୍ଗୋଲି ଚାଣ୍ଡେଲଙ୍କ ବିରୋଧରେ ମୁମ୍ବାଇ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ପରେ ବାନ୍ଦ୍ରା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ପୁଲିସ କଙ୍ଗନା ବିରୋଧରେ ମାମଲା ରୁଜୁ କରିଥିଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ସୃଷ୍ଟି କରିବା ଏବଂ ସାମାଜିକ ଘୃଣା ସୃଷ୍ଟି କରିବା, କଳାକାରମାନଙ୍କୁ ଧାର୍ମିକ ଆଧାରରେ ବିଭକ୍ତ କରିବା ଅଭିଯୋଗରେ ୨୦୨୦ ଅକ୍ଟୋବର ୧୭ ରେ ମୁମ୍ବାଇ ପୁଲିସ ଏଫଆଇଆର ରୁଜୁ କରିଥିଲା। କଙ୍ଗନା ଏବଂ ତାଙ୍କ ଭଉଣୀଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୫୩ଇ, ଧାରା ୨୯୫ଇ ଏବଂ ଧାରା ୧୨୪ଇ ଅନୁଯାୟୀ ଏକ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ଏହି ମାମଲାରେ ପୁଲିସ କଙ୍ଗନାକୁ ଅନେକ ଥର ତାଙ୍କ ବୟାନ ରେକର୍ଡ କରିବା ପାଇଁ ତାଙ୍କୁ ନୋଟିସ୍ କରିଥିଲା, କିନ୍ତୁ କଙ୍ଗନା ତାଙ୍କ ବୟାନ ରେକର୍ଡ କରିବାକୁ ପୁଲିସ ଷ୍ଟେସନ ପହଞ୍ଚି ନଥିଲେ। ତା'ପରେ ଗିରଫଦାରୀକୁ ଏଡ଼ାଇବା ପାଇଁ ଅଭିନେତ୍ରୀ ବମ୍ବେ ହାଇକୋର୍ଟରେ ଏକ ଆଗୁଆ ଜାମିନ ଆବେଦନ କରିଥିଲେ। ବମ୍ବେ ହାଇକୋର୍ଟ ଉଭୟ ଅଭିନେତ୍ରୀ ଏବଂ ତାଙ୍କ ଭଉଣୀଙ୍କୁ ୨୦୨୧ ଜାନୁଆରୀ ୮ରେ ରେ ପୁଲିସ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ।




# ସୁଶାନ୍ତ ସିଂଙ୍କ ବନ୍ଧୁ ସିଦ୍ଧାର୍ଥ ପିଠାନୀଙ୍କ ବଢ଼ିଲା ଅଡୁଆ

ବଲିଉଡର ଦିବଙ୍ଗତ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ବନ୍ଧୁ ସିଦ୍ଧାର୍ଥ ପିଠାନୀଙ୍କ ବଢ଼ିଲା ଅଡୁଆ। ଏନ୍‌ଡିପିସି କୋର୍ଟ ପୁଣି ଥରେ ସୁଶାନ୍ତଙ୍କ ରୁମମେଟ୍ ସିଦ୍ଧାର୍ଥଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି। ଏନେଇ ସିଦ୍ଧାର୍ଥଙ୍କ ଓକିଲ ପକ୍ଷରୁ ସୂଚନା ମିଳିଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଜୋନାଲ ନିର୍ଦ୍ଦେଶକଙ୍କ କହିବା ମୁତାବକ, କୋର୍ଟ ସିଦ୍ଧାର୍ଥଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି। ଏଥିରେ କୌଣସି ଯୋଗ୍ୟତା ନଥିବାରୁ କୋର୍ଟ ତାଙ୍କ ଆବେଦନକୁ ପ୍ରତ୍ୟାଖାନ କରିଛନ୍ତି। ଏହାପୂର୍ବରୁ ମଧ୍ୟ ପିଠାନୀଙ୍କ ଆବେଦନକୁ ଖାରଜ କରାଯାଇଥିଲା କିନ୍ତୁ ଜୁନ୍ ୨୫ ରେ ତାଙ୍କୁ ବିବାହ ପାଇଁ ପୁଲିସ ହେପାଜତରୁ ବାହାରେ ରହିବାକୁ ଅନୁମତି ଦିଆଯାଇଥିଲା। ଏହା ପରେ ସିଦ୍ଧାର୍ଥ ଜୁଲାଇ ୨ରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସେବେଠାରୁ ସେ ଏନସିବି କଷ୍ଟଡିରେ ଅଛନ୍ତି। ସୂଚନା ମୁତାବକ, ଏନ୍‌ସିବି ପିଠାନୀଙ୍କୁ ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଟ୍ରେସ୍ କରିଥିଲା। ପରେ ମେ ୨୮ରେ ହାଇଦ୍ରାବାଦରୁ ପିଠାନୀଙ୍କୁ ଗିରଫ କରାଯାଇଥିଲା। କଥିତ ରୂପେ ସୁଶାନ୍ତ ସିଂ ରାଜପୁତଙ୍କ ଡ୍ରଗ୍ସ ମାମଲରେ ସେ ଜଡିତ ଥିବା ଅଭିଯୋଗ ରହିଛି। ସିଦ୍ଧାର୍ଥ ହେଉଛନ୍ତି ସେହି ପ୍ରଥମ ବ୍ୟକ୍ତି ଯିଏକି ସୁଶାନ୍ତଙ୍କୁ ଗତ ବର୍ଷ ଜୁନ୍୧୪ରେ ମୃତ ଅବସ୍ଥାରେ ଦେଖିଥିଲେ। ପରିବାର ସଦସ୍ୟ ଘରେ ପହଞ୍ଚିବା ପୂର୍ବରୁ ହିଁ ସୁଶାନ୍ତଙ୍କ ମୃତଦେହକୁ ତଳକୁ ଓହ୍ଲାଇ ଥିଲେ ସିଦ୍ଧାର୍ଥ। ସୂଚନ ଯୋଗ୍ୟ ଯେ, ପୂର୍ବରୁ ସୁଶାନ୍ତ ସିଂ ଡ୍ରଗ୍ସ ମାମଲାରେ ତାଙ୍କ କଥିତ ଗାର୍ଲଫ୍ରେଣ୍ଡ ରିଆ ଚକ୍ରବର୍ତ୍ତୀ, ସୌଭିକ ଚକ୍ରବର୍ତ୍ତୀ ଏବଂ ସାମିଏଲ ମିରାଣ୍ଡ, ଦୀପେଶ ସାୱନ୍ତ ସମେତ ଅନ୍ୟ ଷ୍ଟାଫ ମେମ୍ବର୍ସଙ୍କୁ ଏନ୍‌ସିବି ଗିରଫ କରିସାରିଛି।



# ୮୯ଟି ଇନଡୋର ଷ୍ଟାଡିୟମ୍ ମହାପୁରୁଷମାନଙ୍କ ନାମରେ ନାମିତ କରାଯାଉ : ଟଙ୍କଧର ତ୍ରିପାଠୀ

ଭୁବନେଶ୍ୱର,୧୨/୮ (ନି.ପ୍ର): ଗତ ୨ଦିନ ତଳେ ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ର ନିଷ୍ପତି କ୍ରମେ ରାଜ୍ୟରେ ୮୯ଟି ଜାଗାରେ ବହୁମୁଖୀ ବ୍ୟବହାର୍ଯ୍ୟ ଇଣ୍ଡୋର ଷ୍ଟାଡିୟମ୍ କରିବେ ବୋଲି ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ କ୍ରୀଡା ଓ ଯୁବକଲ୍ୟାଣ ବିଭାଗ ତରଫରୁ ୨ଟି ଭିନ୍ନ ଭିନ୍ନ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି । ଲୋକସମ୍ପର୍କ ବିଭାଗ ତରଫରୁ ପ୍ରକାଶିତ ବିଜ୍ଞପ୍ତିରେ ରାଜ୍ୟ କ୍ରୀଡା ଭିତିଭୂମି ବିକାଶ ପ୍ରକଳ୍ପ ଏବଂ କ୍ରୀଡା ଓ ଯୁବକଲ୍ୟାଣ ବିଭାଗ ତରଫରୁ ବିଜ୍ଞପ୍ତିରେ ସହରାଂଚଳ କ୍ରୀଡା ଭିତିଭୂମି ପ୍ରକଳ୍ପ ଜରିଆରେ ଏହି ଘୋଷିତ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ହେବ ବୋଲି ପ୍ରକାଶ ପାଇଛି । ଯାହାକି ସାଧାରଣରେ ଦ୍ୱନ୍ଦ ସୃଷ୍ଟି କରିଛି । ତେଣୁ ରାଜ୍ୟ ସରକାର ତୁରନ୍ତ ସ୍ୱଷ୍ଟୀକରଣ ଦେଇ ସାଧାରଣ ଓଡିଶାବାସୀଙ୍କ ମନରେ ସୃଷ୍ଟି ହେଇଥିବା ଦ୍ୱନ୍ଦ ଦୂର କରିବାକୁ ରାଜ୍ୟ ସଂପାଦକ ଶ୍ରୀ ଟଙ୍କଧର ତ୍ରିପାଠୀ ଦାବୀ କରିଛନ୍ତି ।

ଗୋଟିଏ ପଟେ ଦରମା, ପେନସନ ଦେବା ପାଇଁ ରାଜ୍ୟ ସରକାରଙ୍କ ବଜେଟ ନିଅଂଟ ପଡୁଥିବାବେଳେ ଏଥିପାଇଁ କେଉଁ ବିଭାଗର କେତେ ଅର୍ଥବରାଦ, ପ୍ରକଳ୍ପରେ କେନ୍ଦ୍ର – ରାଜ୍ୟ ସରକାରଙ୍କ ଅଂଶଧନ କେତେ, ତାହା ରାଜ୍ୟ ସରକାର ସ୍ୱଷ୍ଟ କରିବାକୁ ଶ୍ରୀ ତ୍ରିପାଠୀ ଦାବୀ କରିଛନ୍ତି । ରାଜ୍ୟ ସରକାର ନିର୍ଣ୍ଣିତ ଭାବେ ସୁଚି ପ୍ରସ୍ତୁତ କରି ୮୯ଟି ସ୍ଥାନରେ ଇଣ୍ଡୋର ଷ୍ଟାଡିୟମ୍ ହେବ ବୋଲି ଘୋଷଣା କରିଛନ୍ତି । ଏହି ୮୯ଟି ଜାଗା, କେଉଁ ଜିଲ୍ଲା, ମ୍ୟୁନିସିପାଲଟି ଏବଂ କେଉଁ ଏନ୍ଏସିରେ ହେବ ତାହାର ସୂଚୀ ମଧ୍ୟ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସାମ୍ନାରେ ପ୍ରକାଶ କରିବା ପାଇଁ ଶ୍ରୀ ତ୍ରିପାଠୀ ଦାବୀ କରିଛନ୍ତି ।

ପ୍ରକାଶ ଥାଉ କି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଓଡିଶାର ୩୧୪ ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ କରିବାକୁ ଘୋଷଣା କରିଥିଲେ ବିଜେଡି ସରକାର । ତେବେ ୩୧୪ ମଧ୍ୟରୁ ଏହି ୨ବର୍ଷରେ କେତେ ବ୍ଲକ ଅଂଚଳରେ ବିଜେଡି ସରକାର କେତୋଟି ଷ୍ଟାଡିୟମ୍ ନିର୍ମାଣ କରିଛନ୍ତି ତାହାର ହିସାବ ରାଜ୍ୟବାସୀଙ୍କୁ ଦେବେ କି ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି ?

ସୁବାଷ ବୋଷ୍, ବୀର ସୁରେନ୍ଦ୍ର ସାଏ, ମଧୁସୂଦନ ଦାସ, ବକ୍ସି ଜଗବନ୍ଧୁ, ପଣ୍ଡିତ ଗୋପବନ୍ଧୁ ଦାସ, ଡ. ହରେକୃଷ୍ଣ ମହତାବ, ବାଜି ରାଉତ, ଗଜପତି କୃଷ୍ଣଦେବ, ରେଣ୍ଡୋ ମାଝି, ଗଙ୍ଗାଧର ମେହେର, ଜୟୀ ରାଜଗୁରୁ, ଫକୀର ମୋହନ ସେନାପତି, ଧରଣୀଧର ଭୂୟାଁ, ପଣ୍ଡିତ ରଘୁନାଥ ମୁର୍ମୁ, ଭୈରବ ମହାନ୍ତି, ମାଳତୀ ଚୌଧୁରୀ, ସନ୍ଥକବି ଭୀମ ଭୋଇ, ଲକ୍ଷ୍ମଣ ନାଏକ, ନିର୍ମଳ ମୁଣ୍ଡା, ମାଧବ ସିଂଏପରି ଆହୁରି ଅନେକ ମହାନ୍ ବ୍ୟକ୍ତି, ମହାପୁରୁଷ ଓ କ୍ରୀଡାବିତ୍ ଯେଉଁମାନେ ଅଛନ୍ତି ସେହି ଅଂଚଳ ଏବଂ ଜିଲ୍ଲାରେ ସେମାନଙ୍କର ଅବଦାନ ଯୋଗଦାନ ରହିଛି ସାମାଜିକ ଜୀବନକୁ ସୁଦୃଢ କରିବା ଭବିଷ୍ୟତ ସମାଜ ଗଠନରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଯଦି ଏହି ଯୋଜନା ଘୋଷଣା ସର୍ବସ୍ୱ ନୁହେଁ ବାସ୍ତବରେ ଏହା ହେବାକୁ ଯାଉଛି ତେବେ ଏହା ଯେଉଁ ଜିଲ୍ଲାରେ ଓ ଅଂଚଳରେ ହେବ ସେଠିକାର ମହାପୁରୁଷ ଯାହାର ସାମାଜିକ ଜୀବନରେ ଅବଦାନ ଓ ଯୋଗଦାନ ରହିଛି ସେହି ଅଂଚଳର ବିଶିଷ୍ଟ ବ୍ୟକ୍ତି, କ୍ରୀଡାବିତ୍, ମହାପୁରୁଷ ମାନଙ୍କ ନାମରେ ଏହି ଇଣ୍ଡୋର ଷ୍ଟାଡିୟମ୍‌କୁ ନାମିତ କରାଯାଉ ବୋଲି ଭାରତୀୟ ଜନତାପାର୍ଟି ଗଣମାଧମ ଜରିଆରେ ରାଜ୍ୟସରକାରଙ୍କୁ ଦାବୀ ଜଣାଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ଗୋଛାୟତ ଉପସ୍ଥିତ ଥିଲେ ।

# ୨୨୦୬ କୋଟିର ଅଖା ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର,୧୨/୮ (ନି.ପ୍ର): କଥା କଥାରେ ୫ଟି ଓ ସ୍ୱଚ୍ଛଶାସନର ଡିଣ୍ଡିମ ପିଟୁଥିବା ନବୀନ ସରକାର ଗତ ୧୦ ବର୍ଷରେ ଧାନବସ୍ତା ବାବଦରେ ୨୨୦୬ କୋଟି ଟଙ୍କା ହରିଲୁଟ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ।

ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ ଏବଂ ଅମୀୟ ପାଣ୍ଡବ କହିଛନ୍ତି ସରକାର ତହବିଲ ଗତ ୧୦ ବର୍ଷରେ ଏ ବାବଦରେ ଅନୂନ୍ୟ ୨୨ ଶହ ୬ କୋଟି ୯୨ ଲକ୍ଷ ୨୫ ହଜାର ୩୯୬ଟଙ୍କା ଖର୍ଚ୍ଚ କରିଥିବା ବେଳେ ରାଜ୍ୟର ଜଣେ ହେଲେ ଚାଷୀ ଟଙ୍କାଟିଏ କାହିଁକି ପାଇନାହାନ୍ତି । ମୁଖପାତ୍ର ନୁହେଁ ମୁଖ୍ୟମନ୍ତ୍ରୀ ନିଜ ମୁହଁରେ ଏହାର ଉତର ରଖନ୍ତୁ । ଚାଷୀ ବସ୍ତା ବାଦରେ ଟଙ୍କା ପାଇନଥିବା ବେଳେ ବର୍ଷକୁ ବର୍ଷ ବସ୍ତାପାଇଁ ଟେଣ୍ଡର ଆହ୍ୱାନ କରାଯିବା ପଛରେ କାରଣି କ'ଣ । ମଣ୍ଡି ହେଣ୍ଡଲିଂ ବାବଦରେ ଏସବୁ ଅର୍ଥ କାହା ପକେଟକୁ ଯାଇଛି ଏବଂ ଏହି ଦୁର୍ନୀତି ପାଇଁ କିଏ ଦାୟୀ ସେଥିରେ ମୁଖ୍ୟମନ୍ତ୍ରୀ ନିଜେ ରାଜ୍ୟବାସୀଙ୍କ ସାମନାରେ ଉତର ରଖନ୍ତୁ । ଅନ୍ୟଥା ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ବିଭାଗୀୟ ମନ୍ତ୍ରୀ, ସଚିବ, ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ, ମିଲମାଲିକ ଏବଂ ସି.ଏସ୍.ଓ. ପ୍ରଭୃତିଙ୍କ ଅସାଧୁ ମେଂଟ ଓ ମିଳିତ ର୍‍ୟାକେଟ ଓଡ଼ିଶାର ଚାଷୀମାନଙ୍କୁ ଏମିତି ବର୍ଷବର୍ଷ ଧରି ଲୁଟୁଥିବାରୁ ଏହା ବିରୋଧରେ କଂଗ୍ରେସ ପକ୍ଷରୁ ଗୃହରେ ଏବଂ ଗୃହବାହାରେ ଦୃଢ଼ ଜବାବ ଦିଆଯିବ ବୋଲି ସେ କହିଛନ୍ତି ।

ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହେଲେ କଂଗ୍ରେସ ଚାଷୀମାନଙ୍କୁ ସାଥିରେ ଧରି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ଜାତିଭିତ୍ତିକ ଜନଗଣନା କରିବାକୁ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ଭୁବନେଶ୍ୱର,୧୨/୮ (ନି.ପ୍ର): ଜାତିଭିତିକ ଜନଗଣନା ସହ ୫୦%ରୁ ଉର୍ଦ୍ଧ୍ୱ ସଂରକ୍ଷଣ ବ୍ୟବସ୍ଥା ପାଇଁ ଆଇନ ଆଣିବାକୁ ଦାବି କରିଛି ବିଜେଡି । ଏନେଇ ବୁଧବାର ଦିନ ଉଭୟ ଲୋକସଭା ଓ ରାଜ୍ୟସଭାର ବିଜେଡି ସାଂସଦମାନେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି । ଓଡ଼ିଶା ପରି ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଆଦି ବିଭିନ୍ନ ବର୍ଗକୁ ମିଶିଲେ ପାଖାପାଖି ୩୯ ପ୍ରତିଶତ ସଂରକ୍ଷଣସ ସୀମା ଟପିଯାଉଛି । ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ କେମିତି ଦିଆଯିବ । ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ବେଂଚ ସର୍ବୋଚ୍ଚ ସଂରକ୍ଷଣ ସୀମା ସର୍ବାଧିକ ୫୦ ପ୍ରତିଶତ ଧାର୍ଯ୍ୟ କରିଛନ୍ତି । ଏଣୁ ଓଡ଼ିଶା ଭଳି ରାଜ୍ୟରେ ମାତ୍ର ୧୧ ପ୍ରତିଶତ ଓବିସି ଲାଭ ପାଇପାରିବେ । ଗତକାଲି ସଂସଦରେ ଓବିସି ସଂଶୋଧନ ବିଲ୍ ଆଲୋଚନା ବେଳେ ୫୦ ପ୍ରତିଶତ ସଂରକ୍ଷଣ ସୀମା ହଟାଇବା ପାଇଁ ଦାବି ହୋଇଥିଲା । ବିଜେଡି ସହ ଶିବସେନା ସାଂସଦ ଏନେଇ ଦାବି କରିଥିଲେ । ଏହାପରେ ଆଜି କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ବିଜେଡି ସାଂସଦ ଭେଟି ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି ।

# ରାଜ୍ୟପାଳଙ୍କ ଦ୍ୱାରା 'ସିଲେକ୍ଟେଡ୍ ଡିସିସନ୍ସ' ଉନ୍ମୋଚିତ

ଭୁବନେଶ୍ୱର, ୧୧ ଅଗଷ୍ଟ - ଓଡ଼ିଶା ସୂଚନା କମିଶନଙ୍କ ଦ୍ୱାରା ପ୍ରକାଶିତ 'ସିଲେକ୍ଟେଡ୍ ଡିସିସନ୍ସ' ସଂକଳନକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି । ଆଜି ରାଜଭବନରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ରାଜ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର, ରାଜ୍ୟ ସୂଚନା କମିଶନର ବାଳକୃଷ୍ଣ ମହାପାତ୍ର ଓ ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଧାଙ୍କ ଉପସ୍ଥିତିରେ ସଂକଳନକୁ ଉନ୍ମୋଚନ କରି ଏହି ସଂକଳନ ସୂଚନା ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ପାଇଁ ବେଶ୍ ଉପାଦେୟ ହେବ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ । ମୁଖ୍ୟ ରାଜ୍ୟ ସୂଚନା କମିଶନର ଶ୍ରୀ ମିଶ୍ର ସଂକଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ଓଡ଼ିଶା ସୂଚନା କମିଶନର ସଚିବ ନରେନ୍ଦ୍ର କୁମାର ମନ୍ତ୍ରୀ, ରେଜିଷ୍ଟ୍ରାର ମାନସ କୁମାର ମିଶ୍ର, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ ପ୍ରମୁଖ ରାଜଭବନ ଓ ସୂଚନା କମିଶନର ଅଧିକାରୀମାନେ ଉତ୍ସବରେ ଉପସ୍ଥିତ ଥିଲେ ।

# ପୁରୀ ଜିଲ୍ଲା ଗୋପ ବ୍ଲକସ୍ତରରୁ କୃଷି ଓ କୃଷକଙ୍କ ବାସ୍ତବ ସ୍ଥିତିର ଅନୁଧ୍ୟାନ କଲେ ପିସିସି କିଷାନ କଂଗ୍ରେସ ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର,୧୨/୮ (ନି.ପ୍ର): ବର୍ତ୍ତମାନ ରାଜ୍ୟରେ କୃଷି ଓ କୃଷକଙ୍କର ସମସ୍ୟା ଅତ୍ୟନ୍ତ ଉଦ୍‌ବେଗଜନକ । କୃଷି ଉତ୍ପାଦିତ ଦ୍ରବ୍ୟର ବିପଣନ, ସଂଗ୍ରହ ଓ ସଂରକ୍ଷଣ ପାଇଁ ସୁବିଧା ନାହିଁ । ଜଳସେଚନ ବ୍ୟବସ୍ଥା ଠପ୍ । ଲୋକ ସଂଖ୍ୟା ବୃଦ୍ଧି ଅନୁପାତରେ ଚାଷଜମି ହ୍ରାସ, ୧୦ ଲକ୍ଷ ହେକ୍ଟରରୁ ଅଧିକ ଚାଷଜମି ପଡ଼ିଆ । ଭାଗଚାଷୀ ସମସ୍ୟା କହିଲେ ନ ସରେ । ଚାଷୀ ଠିକଣା ସମୟରେ ଆବଶ୍ୟକ ପରିମାଣର ବିହନ, ସାର, କୃଷିଋଣ ପାଇ ପାରୁନାହିଁ । ଆଳୁ ମିଶନ, ପିଆଜ ମିଶନ ଫେଲ୍ । ଆଳୁଠାରୁ ଆରମ୍ଭ କରି ମାଛ ପର୍ଯ୍ୟନ୍ତ ଓଡ଼ିଶା ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ । ଗ୍ରାମା ଳର କୃଷି ଭିତିଭୂମି ସମ୍ପୂର୍ଣ୍ଣ ବିଗିଡ଼ିଗଲାଣି । କୃଷି କ୍ଷେତ୍ରରେ ଆତ୍ମନିଯୁକ୍ତିର ବ୍ୟବସ୍ଥା ନାହିଁ । ଫଳରେ ଚାଷୀ ଚାଷ କ୍ଷେତ୍ରରୁ ମୁହଁ ଫେରାଇବାକୁ ବାଧ ହେଲେଣି । ଅପରପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ଯେଉଁ ବାହାସ୍ଫୋଟ ମାରିଚାଲିଛନ୍ତି ତାହା ଚାଷୀ ସହଜରେ ବୁଝି ପାରିଲେଣି । ଏହି ପରିପ୍ରେକ୍ଷୀରେ ରାଜ୍ୟର ଚାଷ ଓ ଚାଷୀଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ନିଷ୍ପତି ନେଇ ଗତ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସଠାରୁ ଅକ୍ଟୋବର୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକସ୍ତରକୁ ପିସିସି କିଷାନ କଂଗ୍ରେସ ପ୍ରତିନିଧି ମଣ୍ଡଳୀଙ୍କ ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଗତ ୯ ତାରିଖ ଦିନ ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ଧୁମାଳ ପଂଚାୟତରୁ ଉକ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପିସିସି କିଷାନ କଂଗ୍ରେସ ରାଜ୍ୟ ସଭାପତି ତଥା ଅଖିଳ ଭାରତ କଂଗ୍ରେସ କମିଟି ସଦସ୍ୟ ଶ୍ରୀ ଅମୀୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କେନ୍ଦ୍ରର ବିଜେପି ସରକାରର ନୂତନ ତିନୋଟି କୃଷି ଆଇନ୍ ଚାଷ ଓ ଚାଷୀଙ୍କ ସମ୍ପୂର୍ଣ୍ଣ ସ୍ୱାର୍ଥ ବିରୋଧୀ । ଯଦି ଚାଷୀଙ୍କ ପାଇଁ ଏହି ଯୋଜନାଟି କଲ୍ୟାଣକାରୀ ତେବେ ସମଗ୍ର ଭାରତବର୍ଷର ଲକ୍ଷ ଲକ୍ଷ ଚାଷୀ ଓ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ସଂଗଠନ ଦୀର୍ଘ ୮ ମାସରୁ ଉର୍ଦ୍ଧ୍ୱ ହେଲା କାହିଁକି ରାଜ ରାସ୍ତାରେ ଆନ୍ଦୋଳନ ଜାରି ରଖିଛନ୍ତି ପ୍ରଧାନମନ୍ତ୍ରୀ ଏହାର କୈଫିୟତ ଦେବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି । ଅପର ପକ୍ଷରେ ରାଜ୍ୟ ବିଜେଡ଼ି ସରକାର ୨୧ ବର୍ଷ ଶାସନ କାଳରେ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୋଟିଏ ମଧ୍ୟ ପୂରଣ କରି ନାହିଁ । ଫଳରେ ରାଜ୍ୟର ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଫସଲ ହାନୀ ଓ ଋଣ ବୋଝ ଯୋଗୁ ଆତ୍ମହତ୍ୟା କରିଛନ୍ତି ବୋଲି ଅଧକ୍ଷ ଶ୍ରୀ ପଟ୍ଟନାୟକ କହିଛନ୍ତି । ଚାଷୀମାନଙ୍କର ସମସ୍ୟା ଓ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପରେ ଆଗାମୀ ଦିନରେ କିଷାନ କଂଗ୍ରେସ ପକ୍ଷରୁ ଏହାର ସୁ ସମାଧାନ ପାଇଁ ଏକ ଅଭିନବ ପନ୍ଥା ଗ୍ରହଣ କରାଯିବ ବୋଲି ମଧ ଶ୍ରୀ ପଟ୍ଟନାୟକ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କାକଟପୁରର କଂଗ୍ରେସ ନେତା ବିଶ୍ୱ ଭୂଷଣ ଦାସ, ସାଧାରଣ ସମ୍ପାଦକ ବିରେନ୍ଦ୍ର ଭୂଷଣ ହୋତା, ପୁରୀ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଧନେଶ୍ୱର ପାଢ଼ୀ, ଧୁମାଳ ସରପ ମାନସ ସେନାପତି, ଜଙ୍ଗଲବୋରି ସରପ ପ୍ରଣୟ କୁମାର ସାହୁ, ଚାଷୀ ନେତା ସୁରେନ୍ଦ୍ର ସାହୁ, ଦେବେନ ଲେହାନ୍, ଏବଂ ବିଭିନ୍ନ ପ ।ୟତର ଶତାଧିକ ଅଗ୍ରଣୀ ଚାଷୀନେତା ଅଂଶ ଗ୍ରହଣ କରି ଉଭୟ ବିଜେପି, ବିଜେଡ଼ି ସରକାରର ଚାଷୀମାରଣ ନୀତି ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ସହିଦ ସ୍ମାରକ ଉନ୍ମୋଚିତ

ଭୁବନେଶ୍ୱର,୧୨/୮ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ଆଜି ପୂର୍ବାହ୍ନରେ ଭୁବନେଶ୍ୱର ସ୍ଥିତ ରେଳବାଇ ଅଡିଟୋରିୟମ ନିକଟରେ ଏକ ସହିଦ ସ୍ମାରକକୁ ଉନ୍ମୋଚନ କରିବା ସହିତ ମହାନ ସହିଦମାନଙ୍କ ବଳିଦାନ ପାଇଁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସହିଦମାନଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ସହିଦ ସ୍ମାରକ ନିର୍ମାଣ କରାଯାଇଛି । ଏହା ମଧ୍ୟ ସାହସିକତା ଏବଂ ସାହସର ଅସଂଖ୍ୟ କାହାଣୀର ସାକ୍ଷୀ ହେବ । ଉଦ୍ଘାଟନୀ ଉତ୍ସବରେ ସମସ୍ତ ସହିଦଙ୍କୁ ରେଳ ସୁରକ୍ଷା ବଳ (ଆରପିଏଫ) ସମ୍ମାନ ସହିତ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ମହାପ୍ରବନ୍ଧକ ମଧ୍ୟ ସହିଦ ସ୍ମାରକ ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ରାଷ୍ଟ୍ରର ସମ୍ମାନ ଏବଂ ପ୍ରତିଷ୍ଠା ରକ୍ଷା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସମସ୍ତ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସହିଦ ସ୍ମାରକ ଉଦ୍ଘାଟନୀ ଉତ୍ସବରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର, ମୁଖ୍ୟ ସୁରକ୍ଷା କମିଶନର ତଥା ଆଇଜି ଆରପିଏଫ ରାଜାରାମ ଏବଂ ପୂର୍ବତଟ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀମାନଙ୍କ ସହିତ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରୟ ଉପସ୍ଥିତ ଥିଲେ ।

## ସବୁ ଜିଲ୍ଲାରେ ଅଗଷ୍ଟ ୧୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଆରଟିପିସିଆର ଟେଷ୍ଟ ଲ୍ୟାବ

ଭୁବନେଶ୍ୱର,୧୨/୮ (ନି.ପ୍ର): ଚଳିତ ମାସ ୧୫ ତାରିଖ ସୁଦ୍ଧା ରାଜ୍ୟର ସବୁ ଜିଲ୍ଲାରେ ଆରଟିପିସିଆର ଟେଷ୍ଟ ଲ୍ୟାବ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର । ସେ କହିଛନ୍ତି ଯେ ଏବେ ସୁଦ୍ଧା ୧୪ ଜିଲ୍ଲାରେ ଆରଟିପିସିଆର ଟେଷ୍ଟ ଲ୍ୟାବ ରହିଛି । ଆଉ ୧୬ ଜିଲ୍ଲାରେ ଲ୍ୟାବ ସ୍ଥାପନ ଲାଗି ଟେଣ୍ଡର ଦିଆସରିଛି । ବିଏସଏଲ୨ ଲାବୋରେଟୋରି ସ୍ଥାପନ କାମ ଚାଲିଛି ।

# ବିନାୟକ ସାବତ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଦାନ

ଭୁବନେଶ୍ୱର,୧୨/୮ (ନି.ପ୍ର): ବିନାୟକ ସାବତ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ପୁରୀର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୨.୫ ଲକ୍ଷ ଟଙ୍କା ଦାନ କରାଯାଇଛି । ସଂସ୍ଥାର ଟ୍ରଷ୍ଟି ଚାର୍ଟାଡ୍ ଆକାଉଂଟାଂଟ ଅରୁଣ କୁମାର ସାବତ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଏହି ରାଶିର ଚେକ୍ ପ୍ରଦାନ କରିଛନ୍ତି ।

ଏହି ଅବସରରେ ଶ୍ରୀ ସାବତ କହିଥିଲେ ଯେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ୱତନ୍ତ୍ର ମହତ୍ୱ ରହିଛି । ଏହି ଦୂରଦର୍ଶୀ ପ୍ରକଳ୍ପ ନିର୍ମାଣରେ ନିଜର ସହଯୋଗ ସ୍ୱରୂପ ଟ୍ରଷ୍ଟ ପକ୍ଷରୁ ଏ ଛୋଟ ଦାନ କରାଯାଉଛି । ଚେକ୍ ଗ୍ରହଣକରି ମୁଖ୍ୟ ଶାସନ ସଚିବ ବିନାୟକ ସାବତ ଟ୍ରଷ୍ଟ ଏବଂ ଟ୍ରଷ୍ଟି ମାନଙ୍କୁ ଏତାଦୃଶ ଐତିହାସିକ କାମ ପାଇଁ ଧନ୍ୟବାଦ ଜଣାଇବା ସହ ଏହି ରାଶି ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନଙ୍କ ନିକଟକୁ ପଠାଇ ଦିଆଯିବ ବୋଲି କହିଥିଲେ ।

# ସ୍ପେଶାଲ ଟ୍ରେନର ସମୟସୀମା ପରିବର୍ତ୍ତନ




ଭୁବନେଶ୍ୱର,୧୨/୮ (ନି.ପ୍ର): ଅଗରତାଲା-ବାଙ୍ଗାଲୋର କ୍ୟାଂଟ ବିଶେଷ ଟ୍ରେନ୍ ର ସେବା ବୃଦ୍ଧି କରାଯାଇଛି । ତୁଣ୍ଡଲା ଏବଂ ମିର୍ଜାପୁର ଷ୍ଟେସନ୍ ମଧ୍ୟରେ ଜମ୍ମୁ ତାୱି-ସମ୍ବଲପୁରର ବିଶେଷ ଟ୍ରେନ ସମୟରେ ପରିବର୍ତନ ହୋଇଛି । ସମ୍ବଲପୁର-ହାଓଡ଼ା ସାପ୍ତାହିକ ବିଶେଷ ଟ୍ରେନ ଭାୟା ଅନୁଗୁଳ ଓ ଭଦ୍ରକ ବିଶେଷ ଟ୍ରେନ ସମୟ ନିର୍ଘଂଟସମ୍ବଲପୁର ଓ ରେଢ଼ାଖୋଲ ଷ୍ଟେସନ ଠାରେ ପରିବର୍ତିତ କରାଯାଇଛି । ଅଗରତାଲା-ବାଙ୍ଗାଲୋର କ୍ୟାଂଟ ବିଶେଷ ଟ୍ରେନ ସେବା ଅବଧିକୁ ବୃଦ୍ଧି କରିବାକୁ ନିଷ୍ପତି ନିଆଯାଇଥିବାବେଳେ ଜମ୍ମୁ ତାୱି-ସମ୍ବଲପୁରର ବିଶେଷ ଟ୍ରେନ ସମୟ ନିର୍ଘଣ୍ଟକୁ ତୁଣ୍ଡଲା ଏବଂ ମିର୍ଜାପୁର ଷ୍ଟେସନ୍ ମଧ୍ୟରେ ଏବଂ ସମ୍ବଲପୁର-ହାଓଡ଼ା ସାପ୍ତାହିକ ବିଶେଷ ଟ୍ରେନ ଭାୟା ଅନୁଗୁଳ ଓ ଭଦ୍ରକ ବିଶେଷ ଟ୍ରେନ ସମୟ ନିର୍ଘଂଟକୁ ସମ୍ବଲପୁର ଓ ରେଢ଼ାଖୋଲ ଷ୍ଟେସନ ଠାରେ ପରିବର୍ତିତ କରାଯିବାର ନିଷ୍ପତି ନିଆଯାଇଅଛି । ୦୨୯୮୪/୦୨୯୮୩ ଅଗରତାଲା-ବାଙ୍ଗାଲୋର କ୍ୟାଂଟ-ଅଗରତାଲା ସ୍ପେଶାଲକୁ ଅଗରତାଲା ଠାରୁ ୨୨ ଫେବୃଆରୀ ପର୍ଯ୍ୟନ୍ତ ଏବଂ ବାଙ୍ଗାଲୋର କ୍ୟାଂଟରୁ ୨୫ ଫେବୃଆରୀ, ୨୦୨୧ ପର୍ଯ୍ୟନ୍ତ ସେବା ଅବଧି ବୃଦ୍ଧି କରାଯାଇଛି । ବିଭିନ୍ନ ସ୍ଥିରୀକୃତ ଷ୍ଟେସନରେ ଏହି ଟ୍ରେନ୍ ପାଇଁ ନିର୍ଦ୍ଧାରିତ ସମୟ ଏବଂ ରହଣି ସ୍ଥାନ ଅପରିବର୍ତିତ ରହିବ । ଉତର କେନ୍ଦ୍ରୀୟ ରେଳପଥ ପରିସୀମା ଅନ୍ତର୍ଗତ ତୁଣ୍ଡଲା ଏବଂ ମିର୍ଜାପୁର ଷ୍ଟେସନ ମଧ୍ୟରେ ୦୮୩୧୦ ଜାମ୍ମୁ ତାୱି-ସମ୍ବଲପୁର ବିଶେଷ ଟ୍ରେନ ସମୟ ସାରଣୀକୁ ୨୬ ଅଗଷ୍ଟ ୨୦୨୧ ଠାରୁ ସଂଶୋଧିତ କରାଯାଇଅଛି । ଏହି ଟ୍ରେନ୍ ତୁଣ୍ଡଲା ଠାରୁ ପୂର୍ବାହ୍ନ ୧୦ଘ.୨୦ମି. ପରିବର୍ତେ ପୂର୍ବାହ୍ନ ୧୦ଘ.୧୫ମି. ଛାଡିବ, କାନପୁର ଠାରୁ ଅପରାହ୍ନ ୨ଘ.୩୦ମି. ପରିବର୍ତେ ଅପରାହ୍ନ ୨ଘ.୨୦ମି. ରେ ଛାଡିବ, ପ୍ରୟାଗରାଜ ଠାରୁ ସନ୍ଧ୍ୟା ୫ଘ.୩୦ମି. ପରିବର୍ତେ ସନ୍ଧ୍ୟା ୫ଘ.୨୦ମି.ରେ ଛାଡିବ ଏବଂ ମିର୍ଜାପୁର ଠାରୁ ସନ୍ଧ୍ୟା ୬ଘ.୫୨ମି. ପରିବର୍ତେ ସନ୍ଧ୍ୟା ୬ଘ.୪୯ମି.ରେ ଛାଡି ସମ୍ବଲପୁର ଅଭିମୁଖେ ଯାତ୍ରା କରିବ । ଏହି ଟ୍ରେନ୍ ପାଇଁ ଶିକୋହାବାଦ, ଇଟାୱା, ଝିନଝକ, ଫତେହପୁର, ମେଜା ରୋଡ୍ ଏବଂ ବିନ୍ଧ୍ୟାଂଚଳ ଷ୍ଟେସନ ଠାରେ ମଧ ସମୟ ସାରଣୀରେ ସଂଶୋଧିତ କରାଯାଇଅଛି । ଏହି ଟ୍ରେନ ପାଇଁ ଅନ୍ୟାନ୍ୟ ନିର୍ଦ୍ଧାରିତ ଷ୍ଟେସନରେ ସମୟ ସାରଣୀ ଅପରିବର୍ତିତ ରହିବ । ଏହା ବ୍ୟତୀତ, ସମ୍ବଲପୁର-ହାଓଡ଼ା ସାପ୍ତାହିକ ବିଶେଷ ଟ୍ରେନ ଭାୟା ଅନୁଗୁଳ ଓ ଭଦ୍ରକ ବିଶେଷ ଟ୍ରେନ ସମୟ ନିର୍ଘଣ୍ଟକୁ ସମ୍ବଲପୁର ଓ ରେଢ଼ାଖୋଲ ଷ୍ଟେସନ ଠାରେ ୨୦ ଅଗଷ୍ଟ, ୨୦୧୧ ଠାରୁ ପରିବର୍ତିତ କରାଯିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ୍ ସମ୍ବଲପୁର ଠାରୁ ସନ୍ଧ୍ୟା ୭ଜହ.୪୫ମି. ପରିବର୍ତେ ସନ୍ଧ୍ୟା ୭ଜହ.୪୦ମି.ରେ ଛାଡିବାକୁ ଥିବାବେଳେ ଏହା ରେଢ଼ାଖୋଲ ଷ୍ଟେସନ ଠାରୁ ରାତ୍ରି ୮ଘ.୪୨ମି. ପରିବର୍ତେ ରାତ୍ରି ୮ଘ.୩୭ମି.ରେ ଛାଡି ହାଓଡ଼ା ଅଭିମୁଖେ ଯାତ୍ରା କରିବ । ଏହି ଟ୍ରେନ ପାଇଁ ଅନ୍ୟାନ୍ୟ ନିର୍ଦ୍ଧାରିତ ଷ୍ଟେସନରେ ସମୟ ସାରଣୀ ଅପରିବର୍ତିତ ରହିବ ।

# ଲୁଣାଘେରି ବନ୍ଧର ଦୃଢ଼ୀକରଣ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୨/୮ (ନି.ପ୍ର): ଲୁଣାଘେରି ବନ୍ଧ ଏବଂ ବନ୍ୟାବନ୍ଧ ଗୁଡ଼ିକର ଉଚ୍ଚତା ବଢ଼ାଇବା ସହ ସେଗୁଡ଼ିକର ଦୃଢ଼ିକରଣ ନିମନ୍ତେ ରାଜ୍ୟ ସରକାର ପ୍ରଚେଷ୍ଟା ଆରମ୍ଭ କରିଛନ୍ତି । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦୀ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜଳ ସଂପଦ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଦୃତ ପରିବର୍ତିତ ହେଉଥିବା ଜଳବାୟୁ ପରିପ୍ରେକ୍ଷୀରେ ସାମୁଦ୍ରିକ ବାତ୍ୟା ଓ ଜୁଆରର ପୁନଃ- ପୌନିକତା ଏବଂ ତୀବ୍ରତା ସମ୍ବନ୍ଧୀୟ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସମ୍ଭାବ୍ୟ ଉଚ୍ଚ ସାମୁଦ୍ରିକ ଜୁଆର, ଉପକୂଳ କ୍ଷୟ, ଚାଷକ୍ଷେତ ଓ ଜନବସତିକୁ ଲୁଣା ଜୁଆର ପ୍ରବେଶ; ଏବଂ ସମ୍ଭାବ୍ୟ ଲୁଣା ଜୁଆର ଏବଂ ତାହାର ମୁକାବିଲା ପାଇଁ ରାଜ୍ୟରେ ଥିବା ଭିତିଭୂମି ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ ।ସାମ୍ପ୍ରତିକ ସ୍ଥିତିର ଅନୁଧ୍ୟାନ କରି ଉଚ୍ଚ ସମୁଦ୍ର ଜୁଆର ପଶିଆସିବା ସମ୍ଭାବନା ଥିବା ସମ୍ବେଦନଶୀଳ ସ୍ଥାନ ଗୁଡ଼ିକୁ ଚିହ୍ନଟ କରି ତାହାର ମୁକାବିଲା ନିମନ୍ତେ ଲୁଣାଘେରି ପ୍ରକଳ୍ପ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସମୁଦ୍ର ଉପକୂଳର ମୃର୍ତ୍ତିକା ସଂରଚନା ଏବଂ ଭୂତାତ୍ତ୍ୱିକ ଅନୁଶୀଳନ ପୂର୍ବକ କେଉଁ କେଉଁ ସ୍ଥାନରେ ବୈଷୟିକ କୌଶଳ ପ୍ରୟୋଗ ଫଳପ୍ରଦ ହେବ ତାହା ନିର୍ଣ୍ଣୟ କରିବାକୁ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତ ପ୍ରଦୀପ କୁମାର ଜେନା କହିଥିଲେ । ଯେଉଁ ବିପଦସଙ୍କୁଳ ସ୍ଥାନମାନଙ୍କରୁ ଜନବସତି ସ୍ଥାନାନ୍ତର ବ୍ୟତୀତ ଅନ୍ୟଉପାୟ ନାହିଁ ତାହା ଚିହ୍ନଟ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶାରେ ଭାରତ ଉପକୂଳର ପ୍ରାୟ ୧୭ ପ୍ରତିଶତ ଥିବାବେଳେ ରାଜ୍ୟ ପ୍ରାୟ ୩୫ ପ୍ରତିଶତ ସାମୁଦ୍ରିକ ବାତ୍ୟା ଓ ଜୁଆର ଆଦି ବିପଦର ସମ୍ମୁଖୀନ ହୋଇଥାଏ । ସାରା ବିଶ୍ୱରେ ଓଡ଼ିଶା ୬ଷ୍ଠ ସାମୁଦ୍ରିକ ବାତ୍ୟା ପ୍ରବଣ ରାଜ୍ୟ । ତା'ଛଡ଼ା ଉପକୂଳ ବର୍ତୀ ଅଂଚଳ ପ୍ରାୟ ସମତଳ ଭୂମି । ଏହା ଉର୍ବର ଚାଷଜମି ଏବଂ ଏସବୁ ଅଂଚଳରେ ଜନବସତିର ଘନତା ମଧ୍ୟ ଅଧିକ । ସମୀକ୍ଷାରୁ ଜଣାପଡ଼ିଥିଲା ଯେ ମୁଖ୍ୟତଃ ଗଞ୍ଜାମ, ପୁରୀ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରଖ ଏବଂ ବାଲେଶ୍ୱର ଆଦି ଜିଲ୍ଲାରେ ଗତବର୍ଷମାନଙ୍କରେ ରାଜ୍ୟରେ ପ୍ରାୟ ୧,୬୩୬ କି.ମି. ଲୁଣା ଘେରି ଏବଂ ୫,୮୬୪ କି.ମି. ବନ୍ୟାଘେରି ବନ୍ଧ ନିର୍ମାଣ କରାଯାଇଛି । ଗତ ୧୦ ବର୍ଷ ମଧ୍ୟରେ ୭ଟି ପ୍ରବଳରୁ ଅତିପ୍ରବଳ ସାମୁଦ୍ରିକ ବାତ୍ୟା ଓଡ଼ିଶା ଉପକୂଳ ଦେଇ ଗତି କରିଛି । ଏହି ସବୁ ବାତ୍ୟା ସମୟରେ ପ୍ରାୟ ୩.୫ ମିଟରରୁ ୪.୫ ମିଟର ଉଚ୍ଚର ସାମୁଦ୍ରିକ ଜୁଆର ଆସିଛି । ଏବଂ ବହୁ ଅଂଚଳରେ ଲୁଣାପାଣି ମାଡ଼ି ଯାଇଛି । ବାତ୍ୟାର ତୀବ୍ରତା ଏବଂ ସଂଙ୍ଖ୍ୟାଧିକତା ଦୃଷ୍ଟିରୁ ଭବିଷ୍ୟତ ପାଇଁ ଲୁଣା ଏବଂ ବନ୍ୟାଘେରୀ ଗୁଡ଼ିକର ଉଚ୍ଚତା ବଢ଼ାଇବା ସହ ସେଗୁଡ଼ିକୁ ଦୃଢ଼ିକରଣ କରିବାର ଆବଶ୍ୟକତା ସୃଷ୍ଟି ହୋଇଛି । ସମୁଦ୍ର କୂଳରେ ବାସ କରୁଥିବା ବା ସମୁଦ୍ର କୂଳରେ ଚାଷ ଜମିଥିବା ଜନସାଧାରଣଙ୍କ ସହ ସିଧା ସଳଖ ଭାବେ ଆଲୋଚନା କରି ଲୁଣାବନ୍ଧ ଦୃଢ଼ିକରଣର ପ୍ରୟୋଜନୀୟତା ଏବଂ ବର୍ତମାନ ଓ ଭବିଷ୍ୟତ ପାଇଁ ଏହାର ଉପକାର ବିଷୟରେ ସେମାନଙ୍କୁ ଅବଗତ କରାଇବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଜଳ ସଂପଦ ବିଭାଗର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲୁଣା ଘେରି ଦୃଢ଼ୀକରଣ ହେଲେ ସେମାନଙ୍କର ଜନଜୀବନ ଏବଂ ଚାଷକ୍ଷେତ ସମ୍ଭାବ୍ୟ ଉଚ୍ଚ ଜୁଆରରୁ ସୁରକ୍ଷା ପାଇବ ବୋଲି ବୁଝାଇବାକୁ କହିଥିଲେ । ଏହା ହେଲେ ସମୁଦ୍ର କୂଳବର୍ତୀ ଗ୍ରାମର ଲୋକମାନେ ପ୍ରକଳ୍ପ ନିର୍ମାଣରେ ପୂର୍ଣ୍ଣ ସହଯୋଗ କରିବେ ।

# ବାଲ୍ୟବିବାହ ରୋକିବା ଉପରେ ବାଚସ୍ପତି-ପ୍ରେମ୍ ଅଧକ୍ଷଙ୍କ ଆଲୋଚନା

ଭୁବନେଶ୍ୱର,୧୨/୮ (ନି.ପ୍ର): ବାଚସ୍ପତିଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରେମ୍'ର ଅଧକ୍ଷ ଜ୍ୟାକୋବ୍ ଥୁଣ୍ଡିଲ ଓଡ଼ିଶା ବିଧାନସଭା ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ସମ୍ପ୍ରତି ଓଡ଼ିଶାରେ ବାଳିକାମାନଙ୍କର ସାମାଜିକ ସ୍ଥିତି, ସେମାନଙ୍କର ସାମଗ୍ରିକ ବିକାଶ ଓ ସେମାନଙ୍କର ଅଭିବୃଦ୍ଧିରେ ଦେଖାଦେଇଥିବା ସାମାଜିକ ପ୍ରତିବନ୍ଧକ ଉପରେ ବିଶେଷ ଆଲୋଚନା ହୋଇଥିଲା । ବାଲ୍ୟବିବାହ କିଶୋରୀମାନଙ୍କ ବିକାଶରେ ମୁଖ୍ୟ ପ୍ରତିବନ୍ଧକ ସାଜୁଥିବା ପ୍ରେମ୍ ଅଧକ୍ଷ ବାଚସ୍ପତିଙ୍କୁ ଅବଗତ କରାଇଥିଲେ ଏବଂ ଏହି ସାମାଜିକ ଦୁର୍ଗତିକୁ ଦୂର କରିବା ପାଇଁ ସବୁ ସ୍ତରରେ ସଚେତନତା ଆବଶ୍ୟକ ବୋଲି ମତ ଦେଇଥିଲେ । ଓଡ଼ିଶାର ସମସ୍ତ ବିଧାୟକଙ୍କୁ ଏ ସମ୍ପର୍କରେ ଅବଗତ କରିବା ପାଇଁ ମଧ ସେ ବାଚସ୍ପତି ଡ଼ଃ ପାତ୍ରଙ୍କୁ ଅନୁରୋଧ କରିଥିଲେ । ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି ଏବଂ ଏହାର ମୂଳୋତ୍ପାଟନ ଆବଶ୍ୟକ ବୋଲି ବାଚସ୍ପତି ଡ଼ଃ ପାତ୍ର ମତ ବ୍ୟକ୍ତ କରିଥିଲେ ଏବଂ 'ପ୍ରେମ୍'ର ଏହି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି କହିଥିଲେ । ଏହି ସାକ୍ଷାତ ସମୟରେ ସହଯୋଗୀ ସ୍ୱେନର ସ୍ୱେଚ୍ଛାସେବୀ ସଂସ୍ଥା 'ଏଡୁକୋ'ର ନିର୍ଦ୍ଦେଶକ ଗୁରୁ ପ୍ରସାଦ ରାଓ ମଧ ଉପସ୍ଥିତ ଥିଲେ ।

## ଜନସଂଖ୍ୟା ବିସ୍ଫୋରଣ...

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦୁଇଟିରୁ ଅଧିକ ସନ୍ତାନର ଜନକ ବିଧାନସଭା କିମ୍ବା ପାର୍ଲାମେଂଟରେ ସଭ୍ୟ ରହି ପାରିବେ ନାହିଁ। ଅଶିକ୍ଷା ଓ ଅନ୍ଧବିଶ୍ୱାସ ସହିତ ଧର୍ମ ଗତ ରକ୍ଷଣଶୀଳତା ଜନ୍ମ ନିୟନ୍ତ୍ରଣ ଯୋଜନାକୁ ଭଣ୍ଡୁର କରିଦେଉଛି।

ଜନ୍ମ ନିୟନ୍ତ୍ରଣ ଯୋଜନା ଏବଂ କାର୍ଯ୍ୟକାରିତା ପ୍ରତି ସରକାର ଏବଂ ଜନସାଧାରଣଙ୍କର ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଏପର୍ଯ୍ୟନ୍ତ ଗଣଆନ୍ଦୋଳନରେ ପରିଣତ ହୋଇପାରିଲା ନାହିଁ। ସରକାରୀ ସ୍ୱାସ୍ଥ୍ୟ ସେବା ଲୋକମାନଙ୍କ ମନରେ ପତିଆରା ସୃଷ୍ଟି କରିପାରିନାହିଁ। ପିତାମାତାଙ୍କର ଗୋଟିଏ ଦୁଇଟି ସନ୍ତାନର ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ସରକାର ଗ୍ୟାରେଂଟି ଦେଇପାରୁନାହାଁନ୍ତି। ରାଜନୀତିକ ଲୋକମାନଙ୍କ ସହିତ ଶିକ୍ଷିତ, ସ୍ୱଚ୍ଛଳ ଓ ଉଚ୍ଚବର୍ଗର ଲୋକେ ଛୋଟ ପରିବାର ନୀତିକୁ ଗ୍ରହଣ କରି ଆଦର୍ଶ ସୃଷ୍ଟି କରୁନାହାନ୍ତି। ଯୋଜନା ଅର୍ଥ ବାଟ ମାରଣା ହେଉଛି। ଦରିଦ୍ର ଓ ମଧ୍ୟବିତ ଶ୍ରେଣୀର ଲୋକମାନେ ସରକାରୀ ଡାକ୍ତରଖାନାକୁ ଆସିବାକୁ ଭୟ କରୁଛନ୍ତି। ଅଥଚ ସେମାନଙ୍କର ଶିଶୁ ଓ ତାର ମାତାର ଚିକିତ୍ସା ନିମନ୍ତେ ଘରୋଇ ନର୍ସିଂ ହୋମ୍ ଯିବାକୁ ହାତରେ ସମ୍ବଳ ନାହିଁ। ସରକାର ସେମାନଙ୍କ ମନରେ ବିଶ୍ୱାସ ସୃଷ୍ଟି କରନ୍ତୁ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (WHO) ମଧ୍ୟ ଏନେଇ ଚିନ୍ତିତ ଏବଂ ଘୋର ଉଦବେଗ୍ ପ୍ରକାଶ କରିଛନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ସମଗ୍ର ମାନବ ଜାତିକୁ ଚେତାଇ ଦେଇ ଦେଇଛନ୍ତି ଯେ ୨୦୫୦ ମସିହା ବେଳକୁ ଜଣକୁ ଶୋଇବାକୁ ଯାଗାଟିଏ ଓ ମିଳିବା କଷ୍ଟକର ବ୍ୟାପାର ହୋଇପଡିବ। କେବଳ ଠିଆ ହୋଇ ରହିବାକୁ ପଡିବ।

ଏସବୁକୁ ଦେଖିଲେ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ଆମକୁ ଜନ୍ମ ନିୟନ୍ତ୍ରଣ ପାଇଁ ଧାର୍ଯ୍ୟ ହୋଇଥିବା ଜାତୀୟ ନୀତିକୁ ଆନ୍ତରିକତାର ସହ ମାନିବାକୁ ପଡିବ, ପାଳନ କରିବାକୁ ପଡିବ। ଏହାକୁ ଗଣଆନ୍ଦୋଳନରେ ପରିଣତ କରି ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରାଯିବା ଉଚିତ୍। ରାଜନୀତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ, ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ, ମହିଳା ସମିତି ସମସ୍ତେ ସାମିଲ ହେବା ଉଚିତ। ନାରୀ ଶିକ୍ଷା, ନାରୀ ମାନଙ୍କର କର୍ମ ନିଯୁକ୍ତି, ମହିଳା ଓ ଶିଶୁକଲ୍ୟାଣ ଏ ଉତମ ସ୍ୱାସ୍ଥ୍ୟ ସେବା ପ୍ରଭୃତି ଦିଗରେ ସରକାର ସାଧୁ ଓ ନିଷ୍ପାପର ଭାବରେ କାର୍ଯ୍ୟ କରିବା ଉଚିତ। ଚୀନ ଭଳି ଗୋଟିଏ ସନ୍ତାନ କେବଳ ଗୋଟିଏ ସନ୍ତାନ ଆପଣେଇବାକୁ ପଡିବ। ସରକାରୀ ଯୋଜନା ବିରୋଧରେ ଯେଉଁମାନେ ଅପପ୍ରଚାର କରି କିଛି ନ୍ୟସ୍ତ ସ୍ୱାର୍ଥ ଲୋକ ଓ ରାଜନୀତିକ ଦଳ ସ୍ୱାର୍ଥ ହାସଲ କରିବାକୁ ଯେପରି ସୁଯୋଗ ନପାଆନ୍ତି। ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ପ୍ରତିବର୍ଷ ବିଶ୍ୱ ଜନସଂଖ୍ୟାରେ ୮୫ ରୁ ୮୭ ଲକ୍ଷ ଯୋଡି ହୋଇଯାଉଥିବାବେଳେ, ଉଦବେଗର ବିଷୟ ପାଲଟିଛି ଏବେ ଭାରତୀୟଙ୍କ ଆୟୁତ ୬୯ ବର୍ଷ ଥିବାବେଳେ ଏହା ୨୦୨୫-୨୦୩୦ ମଧ୍ୟରେ ୭୧ ବର୍ଷରେ ପହଂଚିବ ବୋଲି ଅନୁମାନ କରଯାଏ। ଜନ୍ମହାର ଅହେତୁକୁ ବୃଦ୍ଧି ପାଉଥିବାବେଳେ ମୃତ୍ୟୁହାର କମିକମି ଯାଉଛି। ଆମେ ସଚେତନ ହେବାକୁ ପଡିବ।

## ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ରକ୍ତଦାନ



ବାରିପଦା,୧୨/୦୮ (ନି.ପ୍ର): ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ତରଫରୁ ଏକ ରକ୍ତଦାନ ଶିବିର ବାରିପଦା ବ୍ଲଡ ବ୍ୟାଙ୍କ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସଂଗଠନ ତରଫରୁ ବାରିପଦାରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଅପରାହ୍ନରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ୨୭ ୟୁନିଟ ବ୍ଲଡ ସଂଗ୍ରହ କରାଯାଇଥିଲା । ବାରିପଦା ସବଡିଭିଜନ କମିଟି ପକ୍ଷରୁ ରଜତ ହାଁସଦାଃଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ସଂଗଠନର କର୍ମୀମାନେ ରକ୍ତଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚାର ସାଧାରଣ ସଂପାଦକ ବିଶ୍ୱଜିତ ମୁର୍ମୁ, ଜିଲ୍ଲା ସଭାପତି ଧରମରାଜ ହାଁସଦାଃ, ଉପ ସଭାପତି ଚନ୍ଦନ ସିଂ, ବିରାମ ମୁର୍ମୁ, ଲବ ମାର୍ଣ୍ଡି, ବାଜୁନ ମୁର୍ମୁ, କୁଁଆର ହାଁସଦାଃ, ରାଜେଶ ସିଂ, ଅଜୟ ସିଂ, ରାହୁଲ ସିଂ, ବିକାଶ ହାଁସଦାଃ, ହରେକୃଷ୍ଣ ହାଁସଦାଃ, ସୌରଭ ଦାସ, ଗୋବିନ୍ଦ ମାର୍ଣ୍ଡି, ଆନନ୍ଦ ବାସ୍କେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବ୍ଲଡ ବ୍ୟାଙ୍କର ଡାକ୍ତର, ସେବିକା ଓ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଯୁକ୍ତ ଦୁଇ ନାମଲେଖା ପାଇଁ ....

ନାମଲେଖା ହେବ । ମିଳିଥିବା ସୂଚନା ଅନୁସାରେ ୨୭ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ମେରିଟ ଲିଷ୍ଟ ପ୍ରକାଶ ପାଇବ । ୨୯ ସେପ୍ଟେମ୍ବର ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ । ଦୁଇ ପର୍ଯ୍ୟାୟ ନାମଲେଖା ପରେ ବଳକା ସିଟ୍ ତାଲିକା ଓ ସ୍ପଟ ଆମିଶନ ପାଇଁ ଅକ୍ଟୋବର ୪ରେ ମେରିଟ ଲିଷ୍ଟ ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ସ୍ପଟ ଆଡମିଶନ ପାଇଁ ଅକ୍ଟୋବର ୪ ଓ ୫ରେ ପଞ୍ଜୀକରଣ କରିବେ । ଅକ୍ଟୋବର ୫ରେ ସ୍ପଟ ଆଡମିଶନ ପାଇଁ ମେରିଟ ଲିଷ୍ଟ ପ୍ରକାଶ ପରେ ମନୋନୀତ ଛାତ୍ରଛାତ୍ରୀମାନେ ଅକ୍ଟୋବର ୭ରେ ନାମ ଲେଖାଇବେ । ଅକ୍ଟୋବର ମାସ ୮ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ ହେବ ବୋଲି ସୂଚନା ଦିଆ ଯାଇଛି । ଅନ୍ୟ ପକ୍ଷରେ ସାରା ରାଜ୍ୟରେ ପ୍ରାୟ ୫୫ ହଜାର ସିଟ୍ ବୃଦ୍ଧି କରାଯାଇଛି । ଫଳରେ ଯୁକ୍ତ ଦୁଇ ଆଡମିଶନ୍ ପାଇଁ ଏବେ ପାଖାପାଖି ୫ ଲକ୍ଷ ସିଟ୍ ଉପଲବ୍ଧ ହେବାକୁ ଯାଉଛି । ଏ ବର୍ଷ କଳାରେ ୪୦ ହଜାର ସିଟ୍ ବୃଦ୍ଧି ପାଇଁ ଆବେଦନ ହୋଇଥିବା ବେଳେ ୩୮ ହଜାର ସିଟ୍ ବୃଦ୍ଧିକୁ ଅନୁମତି ମିଳିଛି । ସେହିଭଳି ବିଜ୍ଞାନରେ ୨୫ ହଜାର ସିଟ୍ ପାଇଁ ଆବେଦନ ହୋଇଥିବା ବେଳେ ୧୩ ହଜାର ଓ ବାଣିଜ୍ୟରେ ୪ ହଜାର ସିଟ୍ ପାଇଁ ଆବେଦନ ହୋଇଥିବାବେଳେ ୩ ହଜାର ୯୦୦ ସିଟ୍ ବୃଦ୍ଧି କରାଯାଇଛି। ଏହାପରେ ମୋଟ୍ ସିଟ୍ ସଂଖ୍ୟା ୪ ଲକ୍ଷ ୯୮ହଜାର ୨୫୪ ରେ ପହଁଚିଛି ।

### ତୃତୀୟ ଲହର ପାଇଁ ରାଜ୍ୟ....

ହସ୍ପିଟାଲ, ସରକାରୀ ଡାକ୍ତରଖାନା, ମେଡ଼ିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିବ । ସେହିପରି କେନ୍ଦ୍ରର ଆକଳନ ଅନୁସାରେ ଦୈନିକ ୧୦ ହଜାର ପିକ ହେଲେ ୬୦୦ ବେଡ୍ ଶିଶୁଙ୍କ ପାଇଁ ଆବଶ୍ୟକ । ପିଲାଙ୍କ ଚିକିତ୍ସା ପାଇଁ ୩୦ କୋଟି ଟଙ୍କାର ଉପକରଣ ଓ ଔଷଧ ସରକାର କିଣିବା ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଡ୍ରଗ୍ସ ଚାହିଦା ଅନୁଯାୟୀ ପୂର୍ବାପେକ୍ଷା ଅଧିକ ରହିଛି। ଯେହେତୁ ଶିଶୁମାନେ ଅଧିକ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି, ତା ପାଇଁ ଆବଶ୍ୟକ ଟ୍ରେନିଂ ଦିଆଯାଉଛି ।ଉପରୁ ତଳ ସ୍ତର ଯାଏ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ସମସ୍ତଙ୍କୁ ଟ୍ରେନିଂ ଦିଆଯାଉଛି। ଆମେ ବତର୍ତ୍ତମାନ ଦ୍ୱିତୀୟ ଲହରରେ ଅଛେ, ସଂକ୍ରମଣ ଏବେବି ରହିଛି। ଯେଉଁ ଅଂଚଳରେ ଅଧିକ ଲୋକ ରହୁଛନ୍ତି, ସେଠି ସଂକ୍ରମଣ ରହୁଛି। ଅନ୍ୟ ରାଜ୍ୟ, ଅନ୍ୟ ଦେଶରେ ସଂକ୍ରମଣ ବଢ଼ିଲାଣି। ସେହିଭଳି ଭାବେ ସଦାସର୍ବଦା ଆମକୁ ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି ।

### କରୋନା କାଳରେ ସମ୍ମାନ ପାଇଁ ....

ସାଙ୍ଗକୁ ଅବସର ବୟସ ୬୫ବର୍ଷ କରିବାକୁ ଦାବି କରିଛି ସଂଘ । ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଆୟୁଷ ଡ଼ାକ୍ତର ଓ ଏଲୋପାଥିକ ଡ଼ାକ୍ତରଙ୍କ ଦରମା ଓ ଅବସର ବୟସ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ପାତର ଅନ୍ତର କରାଯାଇପାରିବ ନାହିଁ । ସୁପ୍ରିମକୋର୍ଟଙ୍କ ରାୟକୁ ଆଧାର କରି ଓଡ଼ିଶାରେ ଉଭୟ ଏଲୋପାଥିକ ଡାକ୍ତର ଓ ଆୟୁଷ ଡାକ୍ତରଙ୍କ ମଧ୍ୟରେ ସମାନତା ରଖିବା ପାଇଁ ରାଜ୍ୟ ସରକାରଙ୍କ ନିବେଦନ କରିଛି ସଂଘ । କୋଭିଡ ସମୟରେ ସରକାରଙ୍କ ସବୁ ନିଷ୍ପତି ମାନିଛୁ, ତେଣୁ ସରକାର ଏବେ ଆମ ସମସ୍ୟା ବୁଝନ୍ତୁ ବୋଲି ସଂଘ କହିଛି ।

## ସଂଜ ନଦୀ ଉପରେ ସେତୁ ନିର୍ମାଣ କେବେ ?

ଉଦଳା,୧୨/୦୮ (ନି.ପ୍ର): ଉଦଳା ବ୍ଲକର ପାଟଶାଣୀପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ରାଜସ୍ୱ ଗ୍ରାମର କେନ୍ଦୁଗଡ଼ି ଠାରେ ପ୍ରବାହିତ ସଂଜ ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦିର୍ଘଦିନ ରୁ ଗ୍ରାମବାସୀ ମାନେ ଦାବୀ କରି ଆସୁଛନ୍ତି । କିନ୍ତୁ ସରକାର ଏହି ପୋଲ ନିର୍ମାଣ ପାଇଁ ତତ୍ପରତା ପ୍ରକାଶ କରୁ ନାହାଁନ୍ତି । କେବଳ ନିର୍ବାଚନ ପହଞ୍ଚିଲେ ନେତା ମାନେ ପ୍ରତିଶୃତି ଦେଉଛନ୍ତି । ନିର୍ବାଚନ ସରିଗଲେ ଏହା ଏକ ଧୂଆଁବାଣ ବୋଲି ଜଣା ପଡୁଛି । ବର୍ଷାଦିନ ହେଲେ ପାଟଶାଣୀପୁର ପଞ୍ଚାୟତର ଅର୍ଦ୍ଧାଧିକ ଗ୍ରାମର ବାହ୍ୟ ଜଗତ ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ବିଛିନ୍ନ ହୋଇ ଯାଉଛି । ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେବେ ଉକ୍ତ ପୋଲ ନିର୍ମାଣ ନହେଲେ ଗ୍ରାମବାସୀ ମାନେ ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଥିବାର ଜଣାଯାଇଛି ।

## ଆନନ୍ଦମାର୍ଗ ପ୍ରଚାର ସଂଘ ମହିଳା ବିଭାଗ କାର୍ଯ୍ୟାଳୟ ଉଦଘାଟିତ



ବାଲେଶ୍ୱର,୧୨/୦୮ (ନି.ପ୍ର): ଆନନ୍ଦମାର୍ଗ ପ୍ରଚାର ସଂଘ, ମହିଳା ବିଭାଗ କାର୍ଯ୍ୟାଳୟ ବାଲେଶ୍ୱର ସହର ଉପକଣ୍ଠ ଶ୍ରୀକଣ୍ଠପୁର କିଆଗୋହିରୀଠାରେ ଗୁରୁବାର ଉଦଘାଟିତ ହୋଇଯାଇଛି । ଏ ଅଞ୍ଚଳର ମହିୟସୀ ମହିଳା କବିତା ନାୟକଙ୍କ ଦାନରୁ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଛି ବୋଲି ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଅବହେଳିତ ମହିଳାଙ୍କ ପାଇଁ ଏକ ଜରାନିବାସ, ଅବହେଳିତ ଶିଶୁକନ୍ୟାଙ୍କ ପାଇଁ କନ୍ୟା ସଦନ, ଏକ ଦାତବ୍ୟ ଚିକିତ୍ସାଳୟ ଓ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଏଠାରେ ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ଯୋଜନା ରହିଛି ବୋଲି ପ୍ରଚାର ସଂଘ ପକ୍ଷରୁ ଜଣାପଡ଼ିଛି। ସ୍ୱାମୀ ଓ ପୁତ୍ରଙ୍କ ବିୟୋଗ ପରେ ଏହି ଗୃହ ସାଧାରଣ ଲୋକଙ୍କ ସେବା ପାଇଁ ସେ ଆନନ୍ଦମାର୍ଗ ପ୍ରଚାର ସଂଘକୁ ଦାନ କରିଥିବା ଶ୍ରୀମତୀ ନାୟକ ସୂଚନା ଦେଇଛନ୍ତି। ଏହି ଗୃହ ସମସ୍ତଙ୍କ କାର୍ଯ୍ୟରେ ଆସିଲେ ସେ ଆତ୍ମ ସନ୍ତୋଷ ପାଇବା ସହ ପରଲୋକ ଗତ ତାଙ୍କ ସ୍ୱାମୀ ଓ ପୁତ୍ରଙ୍କ ଆତ୍ମାକୁ ଶାନ୍ତି ମିଳିବ ବୋଲି ସେ ମତ ଦେଇଛନ୍ତି। ନୂତନ କାର୍ଯ୍ୟାଳୟକୁ ଆନନ୍ଦମାର୍ଗ ପ୍ରଚାର ସଂଘର କେନ୍ଦ୍ରୀୟ ସମ୍ପାଦକ ଆଚାର୍ଯ୍ୟ ସୁତୀର୍ଥାନନ୍ଦ ଅବଧୂତ ଉଦଘାଟନ କରିଥିଲେ। ଅବହେଳିତ ମହିଳାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଏହି କାର୍ଯ୍ୟାଳୟ ନୂଆ ଠିକଣା ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜିତ ଧର୍ମସଭାରେ ଯୋଗଦେଇ ସାମାଜିକ ଜୀବନରେ ଆଧ୍ୟାତ୍ମିକତା ଓ ମାନବ ଦର୍ଶନର ଗୁରୁତ୍ୱ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଆନନ୍ଦମାର୍ଗ ପ୍ରଚାର ସଂଘର ଜିଲା ସଭାପତି ଡ. ଭାସ୍କର ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ସୁଧାତ୍ମନନନ୍ଦ ଅବଧୂତ, ଆଚାର୍ଯ୍ୟ ସତ୍ୟସୁଧାନନ୍ଦ ଅବଧୂତ, ଅବଧୂତିକା ଆନନ୍ଦ ଅଭିସା ଆଚାର୍ଯ୍ୟା, ଅବଧୂତିକା ରୂପାଚିତା ଆଚାର୍ଯ୍ୟା ଓ ରେଣୁକା ବ୍ରହ୍ମଚାରିଣୀ ପ୍ରମୁଖ ଏଥିରେ ଯୋଗଦେଇ ଆଧ୍ୟାତ୍ମିକବାଦର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଗୟାଧର ବେହେରା, ତୁରୁଲତା ଜେନା, ଭୂପେନ୍ଦ୍ର କୁମାର, ପ୍ରମୋଦ କୁମାର ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ସଂଘର କାର୍ଯ୍ୟକର୍ତ୍ତାମାନେ ଏହି ଉଦଘାଟନୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଉପଜିଲ୍ଲାପାଳଙ୍କ କାର୍ଯ୍ୟକଳାପ ସନ୍ଦେହ ଜନକ : ସମ୍ପାଦକ, ଉପଖଣ୍ଡ ଓକିଲ ସଂଘ



ଉଦଳା,୧୨/୦୮ (ନି.ପ୍ର): ଉଦଳାସ୍ଥିତ କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ବିରୁଦ୍ଧରେ ଉପଖଣ୍ଡ ଓକିଲ ସଂଘ, ଉଦଳାର ସମ୍ପାଦକ ରଜତ କୁମାର ମହାପାତ୍ର ସଂଘାତିକ ଅଭିଯୋଗ ଆଣିଛନ୍ତି । ଉପଜିଲ୍ଲାପାଳ ଶ୍ରୀଯୁକ୍ତ ବେହେରାଙ୍କ ବିରୁଦ୍ଧରେ କହିବାକୁ ଯାଇ ସେ ଜଣାଇଛନ୍ତି ଯେ ତାଙ୍କର କାର୍ଯ୍ୟକଳାପ ସନ୍ଦେହଜନକ, ତାଙ୍କ କାର୍ଯ୍ୟକଳାପ ଆରମ୍ଭରୁ ଅଦ୍ୟାବଧି ଉଚ୍ଚ ସ୍ତରୀୟ ତଦନ୍ତ ଏବଂ ଭିଜିଲାନ୍ସ ତଦନ୍ତର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ଏପରିକି ଉପଜିଲ୍ଲାପାଳ କୋର୍ଟ କାର୍ଯ୍ୟ ଠିକ ଭାବେ କରୁ ନାହାଁନ୍ତି, ତେଣୁ ଉପଜିଲ୍ଲାପାଳଙ୍କ କୋର୍ଟରେ ଦିର୍ଘଦିନ ଧରି ଅଚଳାଅବସ୍ଥା ଲାଗି ରହିଛି ଦର୍ଶାଇଛନ୍ତି । ଉପଜିଲ୍ଲାପାଳ ବେଆଇନ ଭାବେ ଓକିଲ ସଂଘ ଗୃହରେ ଚାବି ପକାଇଛନ୍ତି ଓ ତାହା ରେଭିନ୍ୟୁ ବିଲଡ଼ିଂ ଦର୍ଶାଉଛନ୍ତି ବୋଲି ଗଣ ମାଧ୍ୟମକୁ ଜଣାଇଛନ୍ତି । ଉକ୍ତ ଘଟଣାରେ ଉପଜିଲ୍ଲାପାଳଙ୍କ ସହିତ ଓକିଲ ସଂଘର ବଚସା ହେବା ସହିତ ଉତ୍ତେଜନା ପ୍ରକାଶ ପାଇଛି । ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପଇଁତରା ମାରୁଛି ।

## ୩ଟି ଦୋକାନରୁ ସିରିଜ୍ ଚୋରୀ

ଜଳେଶ୍ୱର, ୧୨/୮(ନି.ପ୍ର): କରୋନାରେ ଲୋକଙ୍କ ଆର୍ଥିକ ଅବସ୍ଥା ଦୁର୍ବିସହ ହୋଇ ପଡିଥିବାରୁ ଓ କେତେକ ଯୁବକମାନେ ନିଶସକ୍ତ ହୋଇ ପଡୁ ଥିବାରୁ ବିଭିନ୍ନ ସମୟରେ ଚୋରି, ଛିନ୍ତାଇ ଭଳି ଅପରାଧ ଘଟିଚାଲିଛି । ଜଳେଶ୍ୱର ମ୍ୟୁନିସିପାଲଟିର ଷ୍ଟେସନବଜାର ବସ୍ଷ୍ଟାଣ୍ଡ ଠାରେ ୩ଟି ଦୋକାନରୁ ବୁଧବାର ରାତିରେ ସିରିଜି ଚୋରି ହୋଇ ଯାଇଛି । ଅମ୍ବିକା ସାର ଦୋକାନ, ମା ଚଣ୍ଡି ଆଳୁ ଗୋଦାମ୍, ଅମ୍ରିତ୍ ଷ୍ଟୋର ଦୋକାନର ପଛପଟେ କାଟୁକାଟି ଚୋରମାନେ ଟଙ୍କା ପଇସା ସହ ଆସବାପତ୍ର ନେଇ ଯାଇଥିବାର ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାଯାଇଛି ।

## ଅରୁଣ ଦେଙ୍କ ସ୍ମୃତିରେ 'ଓଡ଼ିଶା ମୋ ପରିବାର'ର ରକ୍ତଦାନ ଶିବିର



ବାଲେଶ୍ୱର,୧୨/୦୮ (ନି.ପ୍ର): ଦିବଂଗତ ଅରୁଣ ଦେଙ୍କ ଏକାଦଶାହ ଅବସରରେ 'ଓଡ଼ିଶା ମୋ ପରିବାର' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ହରିପ୍ଲାଜା ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ ଦାସ ଓ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଉଦଘାଟନ କରିଥିଲେ। ସ୍ୱର୍ଗତ ଦେଙ୍କ ସ୍ମୃତିରେ ଏହି ରକ୍ତଦାନ ଶିବିର ଆୟୋଜନ, ତାଙ୍କ ପ୍ରତି ଓଡ଼ିଶା ମୋ ପରିବାରର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଦୁଇ ଅତିଥି ମତ ପ୍ରକାଶ କରିଥିଲେ। ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ସଂଗଠନର କର୍ମକର୍ତ୍ତାଙ୍କୁ ସେମାନେ ସାଧୁବାଦ ଜଣାଇଥିଲେ। ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ସାହିରୁଲ ହକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଛାତ୍ରନେତା ସିମନ ଦାସମାପାତ୍ର, ବିଜେଡି ଟାଉନ ସଭାପତି ସନତ ଦାସ, ଯୁବ ସଂଗଠକ ରଘୁନାଥ ଲେଙ୍କା, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ଲୀନା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୩ ଗିରଫ, ୮୯୯ ବାହନ ଜବତ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୯୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୩୧,୩୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଶାସକ ଦଳର ଦଳୀୟ କାର୍ଯ୍ୟକ୍ରମରେ ମାତିଛନ୍ତି ଶିକ୍ଷାବିଭାଗ କରାଣୀ

### ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ଠାରେ ଜେଏମଏମର ଦାବି

ବାରିପଦା,୧୨/୦୮ (ନି.ପ୍ର): ଜେଏମଏମ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଶାସକ ଦଳର ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଶିକ୍ଷାବିଭାଗ କିରାଣୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଅଭିଯୋଗ ମୁତାବକ ଉଦଳା ବ୍ଲକ୍ର ଶିକ୍ଷା ବିଭାଗର ମୁଖ୍ୟ କିରାଣୀଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଲମ୍ବୁଥିବା ବେଳେ ତାଙ୍କର ବିଶୃଙ୍ଖଳିତ ଆଚରଣ ଦିନକୁ ଦିନ ବଢିଚାଲିଛି । ଜଣେ ସରକାରୀ କର୍ମଚାରୀ ନିଜ ଅଫିସ ସମୟରେ ଶାସକ ଦଳର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଏକ ଅଶୋଭନୀୟ ପରମ୍ପରା ସୃଷ୍ଟି କରୁଛି ଏବଂ ବାରମ୍ବାର ଏହି ଘଟଣା ଗଣ ମାଧ୍ୟମରେ ପ୍ରକାଶିତ ହେଉଥିବା ସ୍ଥଳେ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଉଦଳା ବ୍ଲକ ଶିକ୍ଷା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଦୁଃଖଦାୟକ ବୋଲି ଅଭିଯୋଗ କରାଯିବା ସହିତ ଆଜି ଜେଏମଏମ ମୟୂରଭଞ୍ଜ ଜିଲ୍ଲା-୧ ସଭାପତି ପ୍ରଭୁଦନ ମାର୍ଣ୍ଡିଙ୍କ ସହ ମୟୂରଭଂଜ ଯୁବ ସଭାପତି ଅର୍ଜୁନ ମୁର୍ମୁ, ସମ୍ପାଦକ ଚୈତନ ସୋରେନ, ବରିଷ୍ଠ ନେତା ଅନନ୍ତ ମୁର୍ମୁ, ଛାତ୍ର ନେତା ବିଶ୍ୱନାଥ ମୁର୍ମୁ, ଯୁବ ନେତା ପୃର୍ଥୁରାଜ ହାଁସଦାଃ, ରାଜେଶ ମୁର୍ମୁ, ରଘୁନାଥ ବାସ୍କେଙ୍କ ସହ ଅନେକ କର୍ମକର୍ତ୍ତା ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ସଂପୃକ୍ତ କିରାଣୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ଉପସ୍ଥାପନ କରିଛନ୍ତି । ନଚେତ ଆଗାମୀ ଦିନରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରେସ ଇସ୍ତାହାର ମାଧ୍ୟମରେ ଜେଏମଏମ ପକ୍ଷରୁ କୁହା ଯାଇଛି ।

## ବିଦ୍ୟାଳୟରେ ପାଳିତ ହେଲା ପୋଷାକ ବଣ୍ଟନ ଉତ୍ସବ



ଉଦଳା,୧୨/୦୮ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ପାଟଶାଣୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କୋଭିଡ଼ ନିୟମ ପାଳନ କରି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୋଷାକ ସହିତ ଯୋତା ଏବଂ ମାସ୍କ ବଣ୍ଟନ କରାଯାଇଛି । ଚଳିତ ଅଗଷ୍ଟ ୧୧ ତାରିଖ ବୁଧବାର ଦିନ ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିତରଣ ଉତ୍ସବରେ ଓଷ୍ଟର ମୟୂରଭଞ୍ଜ ଜିଲ୍ଲା ଉପସଭାପତି କୋକିଳଚନ୍ଦ୍ର ମହାନ୍ତ, ବିଜ୍ଞାନ ଶିକ୍ଷକ ଗୋପିନାଥ ସୋରେନ ଓ ଏସ୍.ଏମ୍.ସି. ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ ।

## ବିଷ୍ଣୁପୁର-୨ ଅଙ୍ଗନବାଡି କର୍ମୀଙ୍କ ବିୟୋଗରେ ଶୋକ ସଭା

ବାଲିଆପାଳ,୧୨/୦୮ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଂଚାୟତ ବିଷ୍ଣୁପୁର-୨ ଅଙ୍ଗନବାଡି କର୍ମୀ କବିତା ସାମଲଙ୍କର ଗତ ୮ ତାରିଖରେ ଉଚ୍ଚ ରକ୍ତଚାପରେ ଅକାଳ ବିୟୋଗ ହୋଇଥିଲା । ତାଙ୍କ ଉଦ୍ଦେଶ୍ୟରେ ଆଜି ବିଷ୍ଣୁପୁର ବାତ୍ୟା ଆଶ୍ରୟସ୍ଥଳି ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଅଙ୍ଗନବାଡି କର୍ମୀ ପୂର୍ଣ୍ଣିମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ପଂଚାୟତର ସରପଂଚଙ୍କ ପ୍ରତିନିଧି ଜୀବନକୃଷ୍ଣ ଦାସ, ବିଜେପି ନେତା ନିଳକଣ୍ଠ ଜେନା, ସମାଜସେବୀ ଚନ୍ଦ୍ର ମୋହନ ଦାସ, ଏ.ଏନ.ଏମ ସୁଚିତ୍ରା ଦାସ, ଜାମକୁଣ୍ଡା ପଂଚାୟତର ଅଙ୍ଗନବାଡି କର୍ମୀ ଜ୍ୟୋସ୍ନାରାଣୀ ସିଂ, ବୁଲିରାଣୀ ଜେନା, ଅସ୍ତି ପଂଚାୟତର ଅଙ୍ଗନବାଡି କର୍ମୀ ରତ୍ନପ୍ରଭା ପଟ୍ଟନାୟକଙ୍କ ସମେତ ବିଷ୍ଣୁପୁର ପଂଚାୟତର ସମସ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଆସନ୍ତାକାଲି ଠାରୁ ଫିଟ୍ ଇଣ୍ଡିଆ ଫ୍ରିଡମ ରନ ୨.୦

ଭୁବନେଶ୍ୱର,୧୨/୦୮(ନି.ପ୍ର): ଦେଶ ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଆୟୋଜିତ ହେଉଥିବା 'ଆଜାଦୀ କା ଅମ୍ରିତ ମହୋତ୍ସବ' ଅବସରରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆସନ୍ତାକାଲି ଆରମ୍ଭ ହେବାକୁ ଯାଉଛି ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍ ୨.୦ । ଏଥିରେ ସାମିଲ ହେବ ନେହରୁ ଯୁବ କେନ୍ଦ୍ର ସଂଗଠନ। ଏହା ଆସନ୍ତକାଲି ଅର୍ଥାତ୍ ୧୩ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଗତ ମାର୍ଚ୍ଚ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆରମ୍ଭ କରିଥିଲେ ଆଜାଦୀ କା ଅମ୍ରିତ ମହୋତ୍ସବ। ଏଥିରେ ଉଦବୁଦ୍ଧ ହୋଇ ଫିଟ ଇଣ୍ଡିଆ ଫ୍ରିଡମ୍ ରନ୍ ଆୟୋଜନ କରାଯାଉଛି। କେନ୍ଦ୍ର ଯୁବ ବ୍ୟାପାର କ୍ରୀଡ଼ା ମନ୍ତ୍ରୀ ଶ୍ରୀ ଅନୁରାଗ ସିଂ ଠାକୁର ଭର୍ଚୁଆଲ ମୋଡରେ କାର୍ଯ୍ୟକ୍ରମକୁ ଉଦଘାଟନ କରିବାକୁ ଥିବା ବେଳେ ଏହି ଅବସରରେ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ନିଶିଥ ପ୍ରମାଣିକ ମଧ୍ୟ ଉପସ୍ଥିତ ରହିବେ। ସାରା ଦେଶରେ ନେହରୁ ଯୁବ କେନ୍ଦ୍ରର ୪୨.୧୮ ଲକ୍ଷ ସ୍ୱେଚ୍ଛାସେବୀ ସାମିଲ ହେବାକୁ ଥିବା ବେଳେ ଓଡ଼ିଶାର ୩୦ଟି ଜିଲ୍ଲାର ସ୍ୱେଚ୍ଛାସେବୀମାନେ ମଧ୍ୟ ଏଥିରେ ସଅଂଶଗ୍ରହଣ କରିବେ। ରାଜ୍ୟର ପ୍ରତି ଜିଲ୍ଲାର ୭୫ଟି ଗ୍ରାମରୁ ୭୫ ଜଣ ଲେଖାଏଁ ଯୁବ ସ୍ୱେଚ୍ଛାସେବୀ ଫ୍ରିଡମ ରନରେ ଭାଗ ନେବେ ବୋଲି ଭୁବନେଶ୍ୱରସ୍ଥିତ ନେହରୁ ଯୁବ କେନ୍ଦ୍ର ପୂର୍ବାଞ୍ଚଳ କାର୍ଯ୍ୟାଳୟ ଅଧୀନ କ୍ଷେତ୍ରୀୟ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବାଞ୍ଚଳ କ୍ଷେତ୍ରର ୫ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦେଶର ୭୪୪ଟି ଜିଲ୍ଲା, ପ୍ରତି ଜିଲ୍ଲାର ୭୫ଟି ଗ୍ରାମ ଏବଂ ପାଖାପାଖି ୩୦ ହଜାର ଶିକ୍ଷାନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିବେ। କୋଭିଡ ମାର୍ଗଦର୍ଶିକା ପାଳନ କରାଯାଇ ଆବଶ୍ୟକ ସ୍ଥଳରେ ଭର୍ଚୁଆଲ ମୋଡରେ କାର୍ଯ୍ୟକ୍ରମ ଅୟୋଜନ କରାଯିବ। ଆସନ୍ତାକାଲି ଆୟୋଜିତ ହେବାକୁ ଥିବା ଜାତୀୟ କାର୍ଯ୍ୟକ୍ରମରେ ସୀମା ସୁରକ୍ଷା ବାହିନୀ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ, କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ, ରେଳବାଇ, ନେହରୁ ଯୁବ କେନ୍ଦ୍ର ସଂଗଠନ, ଇଣ୍ଡୋ ତିବ୍ବତ ସୀମା ସୁରକ୍ଷା ବାହିନୀ ପ୍ରମୁଖ ଏଥିରେ ସୋମିଲ ହେବେ। ଶାରୀରିକ, ମାନସିକ ସୁସ୍ଥତା ସହିତ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତା ଭାବନା ସୃଷ୍ଟି କରିବା ଏହି ଦୌଡ଼ କାର୍ଯ୍ୟକ୍ରମର ଲକ୍ଷ୍ୟ। ଅଭିଯାତ୍ରୀମାନେ ବ୍ୟାନର, ପ୍ଲାକାର୍ଡ ଧରି ସଚେତନତା ସୃଷ୍ଟି କରିବେ। କାର୍ଯ୍ୟକ୍ରମରେ ନିର୍ବାଚିତ ଲୋକପ୍ରତିନିଧି, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ସମାଜର ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଯୋଗ୍ୟ ଯେ ଗତବର୍ଷ କୋଭିଡ କଟକଣା ମଧ୍ୟରେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଫିଟ ଇଣ୍ଡିଆ ଫ୍ରିଡମ ରନରେ ୫ କୋଟିରୁ ଅଧିକ ଲୋକ ସାମିଲ ହୋଇଥିଲେ।

ବାଲେଶ୍ୱର ଶୁକ୍ରବାର, ୧୩ ଅଗଷ୍ଟ, ୨୦୨୧
ଧ୍ୱନି ପ୍ରତିଧ୍ୱନି


# ଗୋଟିଏ ଦିନରେ ୧୧୦୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୦୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୧୧୮୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୭୩୫୭୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୦୮୫୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୧୦୭ ଜଣଙ୍କ ମଧ୍ୟରୁ ୬୪୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୯୭ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୬ ଜଣ, ବରଗଡ଼ରୁ ୫ ଜଣ, ଭଦ୍ରକରୁ ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୩୦, ଦେବଗଡ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୨ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମର ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫୩ ଜଣ, ଯାଜପୁରରୁ ୫୨ ଜଣ, ଝାରସୁଗୁଡ଼ାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୭ ଜଣ. କେନ୍ଦ୍ରାପଡ଼ାରୁ ୪୨ ଜଣ, କେନ୍ଦୁଝରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# 'ଅରୁଣ ଦେଙ୍କ ଉତ୍ସର୍ଗୀକୃତ ଆଦର୍ଶ ଓଡ଼ିଶା ରାଜନୀତି ପାଇଁ ପ୍ରେରଣା'

## ଏକାଦଶାହରେ ମନ୍ତ୍ରୀ-ବିଧାୟକ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଯୋଗଦାନ



ବାଲେଶ୍ୱର,୧୨/୦୮ (ନି.ପ୍ର): ବିଶିଷ୍ଟ ରାଜନେତା ପୂର୍ବତନ ବିଧାୟକ ଅରୁଣ ଦେଙ୍କ ଏକାଦଶାହ କର୍ମକାଣ୍ଡ ବିଧିପୂର୍ବକ ତାଙ୍କ ବାସଭବନରେ ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଦେଙ୍କ ସାନଭଉଣୀ ପ୍ରଫେସର ବାସନ୍ତି ଦେଚକ୍ରବର୍ତ୍ତୀ ଆମେରିକାରୁ ଆସି ଦୁଇଦିନ ଧରି ସମସ୍ତ କ୍ରିୟାକର୍ମ ଆୟୋଜନ କରିଛନ୍ତି। ଏକାଦଶାହ ଅବସରରେ ବହୁ ସଂଖ୍ୟାରେ ଅରୁଣ ଦେଙ୍କ ଅନୁଗାମୀ, ସହଯୋଗୀ ଓ ସମର୍ଥକ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିବା ଦେଖିବାକୁ ମିଳିଥିଲା। ସାନ ଭଉଣୀ ଭାବେ ଦାଦାଙ୍କର କ୍ରିୟାକର୍ମ ତାଙ୍କୁ ଯେ କରିବାକୁ ପଡ଼ିବ, ଏହା କେବେ ସେ ଆଶା କରି ନଥିଲେ ବୋଲି ପ୍ରଫେସର ଦେ ଚକ୍ରବର୍ତ୍ତୀ କହିଛନ୍ତି। ପରପାରିରେ ଥିଲେ ବି ଦାଦାଙ୍କ ଉପସ୍ଥିତି ପ୍ରତିଟି ସମୟରେ ଅନୁଭବ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଓ ରଂଜନ ବାଗ, ସ୍ୱର୍ଗତ ଦେଙ୍କ ଅନୁଗାମୀ ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପାଟକୁରାର ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ଦେଙ୍କ ସମସାମୟିକ ବିଜେପିର ବରିଷ୍ଠ ନେତା ବିଜୟ ମହାପାତ୍ର ଯୋଗ ଦେଇ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅରୁଣ ଦେ ଓଡ଼ିଶା ରାଜନୀତିରେ ଭିନ୍ନ ଏକ ଚରିତ୍ର ଥିଲେ ବୋଲି ସେ କହିଥିଲେ। ଯିଏ ଯେଉଁ ଦଳର ହୋଇଥିଲେ ବି ତାଙ୍କର କାହା ସହ ଶତ୍ରୁତା ନଥିଲା। ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଭାବେ ବିଧାନସଭା ଭିତରେ ଓ ବାହାରେ ଓଡ଼ିଶାର ସମସ୍ତ ବିଧାୟକ ତଥା ରାଜନେତା ତାଙ୍କୁ ଭଲ ପାଉଥିଲେ। ସମସ୍ତଙ୍କ ପାଇଁ ସେ ଦାଦା ହୋଇଥିଲେ ଓ ଭବିଷ୍ୟତରେ ଦାଦା ଭାବେ ଚିରସ୍ମରଣୀୟ ରହିବେ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଅପରାହ୍ନରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱରର ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ ଦେବ, ସଦର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଭୋଗରାଇ ବିଧାୟକ ଅନନ୍ତ ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ସମେତ ଜିଲା ବିଜେଡିର ବହୁ କର୍ମକର୍ତ୍ତା ସ୍ୱର୍ଗତ ବିଧାୟକଙ୍କ ବାସଭବନରେ ପହଞ୍ଚି ତାଙ୍କ ଭଉଣୀ ପ୍ରଫେସର ଦେଚକ୍ରବର୍ତ୍ତୀଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ଦେଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସମସ୍ତେ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

# ବାତ୍ୟା ୟାଶର ୩ ମାସ ପରେ ମଧ୍ୟ କ୍ଷତିଗ୍ରସ୍ତ ଲୋକଙ୍କୁ ମିଳିନି ପଲିଥିନ : କଂଗ୍ରେସର ତହସିଲ ଘେରାଉ ଚେତାବନୀ



ବାଲିଆପାଳ,୧୨/୦୮ (ନି.ପ୍ର): ଗତ ମେ ୨୫ରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା ୟାଶରେ ବାଲିଆପାଳ ବ୍ଲକର ୨୮ ଟି ପଂଚାୟତ ପ୍ରଭାବିତ ହୋଇଥିଲା । ଶହ ଶହ ଲୋକଙ୍କ ଘର ଭାଙ୍ଗିଥିବା ବେଳେ ସମୁଦ୍ରର ଲୁଣି ଜୁଆର ମାଡି ଆସି ହଜାର ହଜାର ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା । ନଦୀ ଏବଂ ସମୁଦ୍ର ତଟବର୍ତ୍ତୀ ଅନେକ ଲୋକଙ୍କ ଘରେ ମଧ୍ୟ ସମୁଦ୍ର ପାଣି ପ୍ରବେଶ କରି କ୍ଷତି ପହଁଚାଇ ଥିଲା । ବାତ୍ୟା ପରେ ବାଲିଆପାଳ ତହସିଲ ପକ୍ଷରୁ ସମସ୍ତ ପଂଚାୟତରେ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଲୋକଙ୍କର ଏକ ତାଲିକା ପ୍ରସ୍ତୁତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ସମସ୍ତ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଦେବା ପାଇଁ ପ୍ରସ୍ତୁତ ତାଲିକା ପଂଚାୟତ ଗୁଡିକୁ ପଠାଯାଇ ପଲିଥିନ ବଂଟନର ଦିନ ମଧ୍ୟ ଧାର୍ଯ୍ୟ ହୋଇଥିଲା । ତେବେ ମାତ୍ର ୬ଟି ପଂଚାୟତର ଲୋକଙ୍କୁ ପଲିଥିନ ଦେବା ପରେ ଷ୍ଟକ ନଥିବା ଦର୍ଶା ଯାଇ ଅନ୍ୟ ପଂଚାୟତର ଲୋକଙ୍କୁ ଏପର୍ଯ୍ୟନ୍ତ ପଲିଥିନ ଦିଆଯାଇ ନାହିଁ । ସେହିପରି ଘର ଭାଙ୍ଗିଥିବା ଅନେକ ଲୋକଙ୍କୁ ମଧ୍ୟ ଏପର୍ଯ୍ୟନ୍ତ ସରକାରୀ ନିୟମ ଅନୁଯାୟୀ ସହାୟତା ଦିଆଯାଇ ନାହିଁ । ବର୍ତ୍ତମାନ ମୌସୁମି ବର୍ଷା ଆରମ୍ଭ ହୋଇଥିବା ବେଳେ ପଲିଥିନ ନପାଇ ଅନେକ ଲୋକ ଭଙ୍ଗା ଘରେ ଦୁଃଖ କଷ୍ଟରେ ରହୁଛନ୍ତି । କଂଗ୍ରେସ ନେତା ତଥା ବାଲିଆପାଳ ବ୍ଲକ ଅଧକ୍ଷ ବିଜନ କୁମାର ନାୟକ ପଲିଥିନ ବଂଟନରେ ଏଭଳି ଅନିୟମୀତତାକୁ ନେଇ ଆଜି ସରକାରଙ୍କ ଉପରେ ବର୍ଷିଛନ୍ତି । ଏ ବିଷୟରେ ଜିଲ୍ଲାପାଳଙ୍କୁ ସେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ ।

# ସୁବର୍ଣ୍ଣରେଖା ବନ୍ଦର କଲ୍ୟାଣ ଟ୍ରଷ୍ଟ ବୋର୍ଡ ବାଲିଆପାଳର ଗୁରୁତ୍ୱପୂର୍ଣ୍ଣ ବୈଠକ



ବାଲିଆପାଳ,୧୨/୦୮ (ନି.ପ୍ର): ଟ୍ରଷ୍ଟ ବୋର୍ଡର ଚେୟାରମ୍ୟାନ ତଥା ରାଜ୍ୟ ହରିଜନ ଆଦିବାସୀ ସେଲର ଚେୟାରମ୍ୟାନ ସୁଧୀର କୁମାର ଖଣ୍ଡାଙ୍କ ସଭାପତିତ୍ୱରେ ଏକ ବିଶେଷ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସର୍ବପ୍ରଥମେ ଦିବଂଗତ ସଭାପତି ତ୍ରିଲୋଚନ ଖଣ୍ଡାଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ତ୍ରିଲୋଚନ ଖଣ୍ଡାଙ୍କ ଅବର୍ତମାନରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ପାଇଁ କାର୍ଯ୍ୟକାରୀ ସଭାପତି ଭାବରେ ପ୍ରଫେସର କୁଞ୍ଜକାନ୍ତ ପାତ୍ରଙ୍କୁ ମନୋନୀତ କରାଯାଇଥିଲା । ଏତଦବ୍ୟତୀତ ସମାଜସେବୀ ସୁଶାନ୍ତ କୁମାର ପ୍ରମାଣିକ, ବିଜୟ କୁମାର ମାହାନାଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା । ସଂପାଦକ ନବୀନ କୁମାର ପାତ୍ର ବନ୍ଦର ସଂପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ । ବନ୍ଦର କାର୍ଯ୍ୟକାରୀ ହେଲେ ବାଲିଆପାଳ ଆଂଚଳିକ ସମସ୍ୟା ଓ ତାର ସମାଧାନ କିଭଳି ଭାବରେ କରାଯାଇପାରିବ ସେଥିପାଇଁ ଟ୍ରଷ୍ଟ ବୋର୍ଡର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ବୋଲି ସଦସ୍ୟ ମାନେ ଆଲୋଚନା କରିଥିଲେ । ଅନ୍ୟାନ ବିଷୟରେ ଆଲୋଚନା କରିବା ସହିତ ନୂତନ ସଭ୍ୟ ସଂଗ୍ରହ କରିବା ଏବଂ ସ୍ଥାନୀୟ ତହସିଲଦାରଙ୍କ ମାଧମରେ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯିବାର ନିଷ୍ପତି ନିଆଯାଇଥିଲା । ଏହି ଆଲୋଚନାରେ ସର୍ବଶ୍ରୀ ସୁଧୀର କୁମାର ଖଣ୍ଡା, କୁଞ୍ଜକାନ୍ତ ପାତ୍ର,ସନ୍ୟାସୀ ବେହେରା, ନବୀନ କୁମାର ପାତ୍ର, ଝାଡେଶ୍ୱର ପ୍ରଧାନ, ହିଂମାଶୁ ଶେଖର ନାଥ, ପ୍ରାଣକୃଷ୍ଣ ବାରିକସ, ନିତ୍ୟାନନ୍ଦ ଜେନା, ବିଜୟ କୁମାର ମାହାନା ,ସୁଶାନ୍ତ ପ୍ରମାଣିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଦାଦାବଟି ଆଦାୟ ଅଭିଯୋଗରେ ୩ ଗିରଫ

ପୁରୀ,୧୨/୦୮ (ନି.ପ୍ର): ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ଟାଉନ୍‌ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସେଳୀସାହିଥାନା ଅନ୍ତର୍ଗତ ପାଇକସାହିର ରଞ୍ଜନ ଶଣ୍ଢ(୨୫), ଟାଉନ୍‌ଥାନା ଅନ୍ତର୍ଗତ ଲୋକନାଥରୋଡ଼ ବାବାଆଖଡ଼ା ଯାଗା ନିକଟର ରାଜେନ୍ଦ୍ର ତିୱାରୀ ଓ ଦୋଳମଣ୍ଡପସାହି ନାରାୟଣୀ ଛକର ନରସିଂହ ସାମନ୍ତରାୟ (୨୮)। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଲୁହାରଡ଼ ଓ ଏକ ଛୁରୀ ଜବତ କରାଯାଇଛି। କେତେକ ଅସାମିଜିକ ଯୁବକ ମାରଣାସ୍ତ୍ର ଦେଖାଇ ବାରବାଟୀ ପାର୍କ ପ୍ଲେସ୍ ଅଞ୍ଚଳରେ ଦାଦାବଟି ଆଦାୟ କରୁଥିବା ସମ୍ପର୍କରେ ଆଜି ପୂର୍ବାହ୍ନରେ ପୁଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଟାଉନ୍‌ଥାନା ପୁଲିସର ଏକ ସ୍ୱତନ୍ତ୍ରଦଳ ସେଠାରେ ଅତର୍କିତ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

# ବିଭାଗୀୟ ଅଧିକାରୀଙ୍କ ଅବହେଳାର ପ୍ରତିବାଦ

## ବକେୟା ଦରମା ଦାବିରେ କ୍ରୀଡ଼ା ଓ କଳା ଶିକ୍ଷକଙ୍କ ଧାରଣା



ବାଲେଶ୍ୱର,୧୨/୦୮ (ନି.ପ୍ର): ବିଭାଗୀୟ ଅବହେଳା ଓ ସରକାରୀ ଉଦାସୀନତା କାରଣରୁ ବର୍ଷକର ଦରମା ପାଇବାରୁ ବଞ୍ଚିତ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀମାନେ ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରେ ଗୁରୁବାର ଗଣ ଧାରଣା ଦେଇଥିଲେ। ଜିଲା କଳା ଓ କ୍ରୀଷା ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ଚୁକ୍ତି ଭିତ୍ତିକ ଠିକା ଶିକ୍ଷକ ଭାବେ ମାସିକ ପାଖାପାଖି ୭ ହଜାର ଟଙ୍କା ପାଉଥିଲେ ବି ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅଦ୍ୟାବଧି ୧୨ ମାସର ଦରମା ସେମାନଙ୍କୁ ମିଳିନଥିବା ଧାରଣାରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆରୋପ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ପ୍ରତି ୬ମାସରେ ସେମାନଙ୍କର ଚୁକ୍ତି କରାଯାଉଥିଲେ ବି ଦରମା ପ୍ରଦାନରେ ଅଧିକାରୀ ତଥା ଜିଲା ପ୍ରଶାସନର କାଳକ୍ଷେପଣ ନୀତି କ୍ରମଶଃ ଅସହ୍ୟ ହୋଇଥିବା ସେମାନେ କହିଛନ୍ତି । ଜିଲାର ୪ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଏବେ ଆର୍ଥିକ ଅନାଟନରେ କାଳ କାଟୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷା ଆଇନ ଅନୁସାରେ ପ୍ରତିବର୍ଷ ଏପ୍ରିଲ ମାସରେ ସରକାରଙ୍କ ସହ ବର୍ଷିକିଆ ଚୁକ୍ତି ପାଇଁ ନିର୍ଦ୍ଦେଶ ଥିଲେ ବି ଓଡ଼ିଶାରେ ଏହା କାର୍ଯ୍ୟକାରୀ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ ଆରୋପ କରିଛନ୍ତି । ତୁରନ୍ତ ୧୨ ମାସର ଦରମା ପ୍ରଦାନ, ଚୁକ୍ତି ଅବଧି ୧ବର୍ଷକୁ ବୃଦ୍ଧି, ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦାବି କରିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସେମାନେ ଚେତାନୀ ଦେଇଛନ୍ତି। ସୁବ୍ରତ କୁମାର ଗିରି, ମନୋରଂଜନ ମହାନ୍ତି, ଗୀତାଞ୍ଜଳି ଦାସ, ସସ୍ମିତା ଗିରି, ମ୍ରିନାଲୀନା ଦାସ, ବିଭୂତି ପ୍ରସାଦ ଦାସ, ଗୁରୁ ପ୍ରସାଦ ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଲକ୍ଷ୍ମୀପୋଷୀ ଆଉଟପୋଷ୍ଟର ନୂତନ ବିଲ୍ଡିଂ ଉଦ୍‌ଘାଟନ କଲେ ଆଇଜି



ବାରିପଦା,୧୨/୦୮ (ନି.ପ୍ର): ପୋଲିସର ଆଇନ ବ୍ୟବସ୍ଥା ସହ କ୍ରାଇମ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଲକ୍ଷ୍ମୀପୋଷୀ ପୋଲିସ ଆଉଟପୋଷ୍ଟର ନବନିର୍ମିତ ଗୃହକୁ ଆଜି ପୋଲିସ ଉତ୍ତରାଞ୍ଚଳ ଆଇ.ଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଫିତା କାଟି ଓ ନଡିଆ ଭାଙ୍ଗି ଶୁଭଉଦ୍ଘାଟନ କରିଛନ୍ତି । ଏହା ସହିତ ଆଜିର ଗସ୍ତ କାର୍ଯ୍ୟକ୍ରମରେ ମହୁଲିଆ ଠାରେ ବାରେକ ଗୃହ ଏବଂ ଶରତ ଥାନା ଅଧୀନରେ ମହିଳା ଓ ଶିଶୁ ଡେସ୍କର ନୂତନ ଗୃହର ଶୁଭାରମ୍ଭ କରିଥିବାର ଜଣା ଯାଇଛି । ପ୍ରଥମେ ଆଇ.ଜି. ଶ୍ରୀ ଲାଲ ମୟୂରଭଞ୍ଜ ଜିଲ୍ଲା ଲକ୍ଷ୍ମୀପୋଷି ଠାରେ ପହଂଚି ଲକ୍ଷ୍ମୀପୋଷି ଆଉଟପୋଷ୍ଟର ନୂତନ କୋଠାକୁ ଉଦଘାଟନ କରିବା ସହିତ ଫାଣ୍ଡି ପରିସରରେ ବୃକ୍ଷରୋପଣ ମଧ କରିଥିଲେ । ପରେପରେ ମହୁଲିଆ ଠାରେ ବାରେକ ଗୃହ ଏବଂ ଶରତ ଥାନା ଅଧୀନରେ ମହିଳା ଓ ଶିଶୁ ଡେସ୍କର ନୂତନ ଗୃହର ଶୁଭାରମ୍ଭ କରିଥିବାର ଜଣା ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରୀ ଦ୍ୟାନଦେଓ, ବାରିପଦା ଉପଖଣ୍ଡ ପୋଲିସ ଅଧିକାରୀ କେ.କେ. ହରିପ୍ରସାଦ, ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି, ଲକ୍ଷ୍ମୀପୋଷି ଫାଣ୍ଡି ଅଧିକାରୀ ପ୍ରବୋଧ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ଏହି ନୂତନ ଆଉଟପୋଷ୍ଟ ବିଲ୍ଡିଂ ଉଦଘାଟିତ ହେବା ଦ୍ୱାରା ଏଠାରେ ଉନ୍ନତ ଜ୍ଞାନ କୌଶଳ ସରଞ୍ଜାମ ସହ ଅଧିକ ଷ୍ଟାପ ନିଯୁକ୍ତି ପୂର୍ବକ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକର ଶୀଘ୍ର ସମାଧାନ ହେବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ କହିଛନ୍ତି ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା : କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ



ନୀଳଗିରି,୧୨/୦୮ (ନି.ପ୍ର): ସରକାର ବିଭିନ୍ନ ଯୋଜନାରେ ଜନସାଧାରଣ ମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ୫-ଟି ଯୋଜନା ପ୍ରଚଳନ କରିଛନ୍ତି। ତନ୍ମଧରେ ସ୍ୱାସ୍ଥ୍ୟ ସେବାକୁ ଅଗ୍ରାଧିକାର ଭିତିରେ ଗ୍ରହଣ କରିଥିବା ବେଳେ , ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ବେଗୁନିଆ ପଂଚାୟତର ସ୍ୱାସ୍ଥ୍ୟ ସେବା ଯେ କିଭଳି ଅବହେଳିତ ହୋଇ ପଡିଛି ତାର ନମୁନା ଦେଖିବାକୁ ମିଳିଛି ଡୁମଗଣ୍ଡିରା ଏବଂ ବେଗୁନିଆ ୨ଟି ଏଏନଏମ ସେଂଟର ରେ । ସୂଚନା ଅନୁଯାୟୀ ବେଗୁନିଆ ଠାରେ ୨ଟି ଏଏନଏମ ସେଂଟର ଦୀର୍ଘ ୭/୮ ବର୍ଷ ପୂର୍ବରୁ ନିର୍ମାଣ ହୋଇସାରିଥିଲେ ହେଁ ଏ ପର୍ଯ୍ୟନ୍ତ ଉକ୍ତ ୨ଟି ସେଂଟର ଗୁଡିକ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅଂଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ୨/୩ ବର୍ଷ ପୂର୍ବେ ,ଉକ୍ତ ସେଂଟରର ଚାବି ଏଏନଏମ ମାନଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିନାହିଁ । ଫଳରେ ଉକ୍ତ ଅଂଚଳର ୭/୮ ହଜାର ଜନସାଧାରଣ ସ୍ୱାସ୍ଥ୍ୟସେବାରୁ ବଂଚିତ ହେଉଛନ୍ତି। ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ନିଆଯାଇନାହିଁ। ଫଳରେ ବେଗୁନିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ଭାବେ ନିଯୁକ୍ତି ପାଇଥିବା ପ୍ରଣତୀ ବାରିକ ଏବଂ ଡୁମଗଣ୍ଡିରା କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ମୌସୁମୀ ଦାସଙ୍କୁ ଏବାବଦରେ ବାରମ୍ବାର ଅଂଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଦାବୀ କରିଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ରେମୁଣା ସହିତ ସୀମାନ୍ତ ମୟୁରଭଞ୍ଜ ଜିଲ୍ଲାର ବହୁ ରୋଗୀ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ୨ଟି ଏଏନଏମ ସେଂଟର କୁ ଖୋଲି ଜନସାଧାରଣଙ୍କୁ ସେବା ଯୋଗାଇ ଦେବାକୁ ଦାବୀ ହୋଇଛି।

# ଫରେନସିକ ଲ୍ୟାବର ନୂଆ ବିଲ୍ଡିଂ ଉଦ୍‌ଘାଟିତ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ଷ୍ଟେଟ ଫରେନସିକ ଲ୍ୟାବର ନୂଆ ବିଲ୍ଡିଂ ପୋଲିସ୍ ଡିଜିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଭୁବନେଶ୍ୱର ମଚେଶ୍ୱର ଶିଳ୍ପାଂଚଳରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହୋଇଥିବା ଏହି ଲାବରେଟୋରୀରେ ଅପରାଧ ଏବଂ ଅପରାଧିର ସମସ୍ତ ଟେଷ୍ଟିଂ କରାଯାଇ ପାରିବ। ପୁରୁଣା ବିଲ୍ଡିଂରେ ଥିବା ୭ଟି ବିଭାଗକୁ ନୂଆ ବିଲ୍ଡିଂକୁ ସ୍ଥାନାନ୍ତର କରାଯାଇଛି। ଲାଏ ଡିଟେକ୍ସନ ଟେଷ୍ଟ, ଫିଜିକ୍ସ, ସାଇବର ଫରେନ୍ସିକ, ବାଲିସଟିକ୍ସ, ବାୟୋଲୋଜି, ସେରୋଲୋଜି, କେମେଷ୍ଟ୍ରି ଲ୍ୟାବ ସ୍ଥାନାନ୍ତର ହୋଇଛି। ଏହି ସବୁ ଟେଷ୍ଟିଂ ପାଇଁ ହାଇ ଟେକ୍ନୋନୋଜି ବ୍ୟବହାର କରାଯାଇଛି ବୋଲି କହିଛନ୍ତି ପୋଲିସ ଡିଜି ଶ୍ରୀ ଅଭୟ । ଖୁବ୍ ଶୀଘ୍ର ଏହି କୋଠାରେ ଗୁରୁତ୍ୱପୂର୍ଣ୍ଣ ଡିଏନ୍‌ଏ ଟେଷ୍ଟିଂ ମେସିନ୍ ଏବଂ ସାଇବର ଫରେନ୍ସିକ୍ ଲ୍ୟାବ୍ ନିର୍ମାଣ କରାଯିବ। ଏହି ଦୁଇଟି ଟେଷ୍ଟିଂ ଆରମ୍ଭ ହେଲେ ରାଜ୍ୟରେ ଘଟୁଥିବା ଜଟିଳ ମାମାଲା ଗୁଡିକର ପ୍ରମାଣ ଯୋଗାଡ କରିବା ପାଇଁ ବା ଟେଷ୍ଟିଂ କରିବା ପାଇଁ ଓଡ଼ିଶା ପୋଲିସକୁ ରାଜ୍ୟ ବାହାରକୁ ଯିବାକୁ ପଡିବ ନାହିଁ ବୋଲି ଡିଜି କହିଛନ୍ତି।

# କରୋନାରେ ଆଉ ୬୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୨/୦୮(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୬୯୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ସର୍ବାଧିକ ୧୮ ଜଣ ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୧୧ ଜଣ ମୃତ୍ୟୁବରଣ କରିଛନ୍ତି । ସମ୍ବଲପୁର ଜିଲ୍ଲାରୁ ୯ଜଣ ଓ ଯାଜପୁର ଜିଲ୍ଲାରୁ ୫ ଜଣ ମୃତ୍ୟୁବରଣ କରିଛନ୍ତି । କେନ୍ଦ୍ରାପଡା ଓ ମୟୁରଭଂଜ ଜିଲ୍ଲାରୁ ୪-୪ ଜଣ ମୃତ୍ୟୁବରଣ କରିଛ୍ତି । ଢେଂକାନାଳ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ୩-୩ ଜଣ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର ଓ ପୁରୀ ଜିଲ୍ଲାରୁ ୨-୨ ଜଣ ମୃତ୍ୟୁବରଣ କରିଛନ୍ତି। ଭଦ୍ରକ, ଜଗତସିଂହପୁର, କଳାହାଣ୍ଡି, କେନ୍ଦୁଝର, ନୂଆପଡା ଓ ସୁନ୍ଦରଗଡ ଜିଲ୍ଲାରେ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo